ବର୍ଷ-୨୫, ସଂଖ୍ୟା-୨୭୬
ଭୁବନେଶ୍ୱର
୧୭, ଅକ୍ଟୋବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 276
Bhubaneswar
17, October, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat


ପଓ୍ୱନ ସିଂଙ୍କୁ ୩୦ କୋଟିର ଭରଣପୋଷଣ

# ନୂଆପଡାକୁ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବା ଦାୟିତ୍ୱ ମୋର : ମୁଖ୍ୟମନ୍ତ୍ରୀ

**ନୂଆପଡା/ଭୁବନେଶ୍ୱର,୧୬।୧୦ (ମହାଭାରତ) :** ଆଜି ନୂଆପଡା ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହେବାକୁ ଯାଉଛି। କେବଳ ନୂଆପଡା ନିର୍ବାଚନମଣ୍ଡଳୀ ନୁହେଁ, ସମଗ୍ର ନୂଆପଡା ଜିଲ୍ଲାର ଜଣେ ଲୋକପ୍ରିୟ ଜନପ୍ରତିନିଧିଙ୍କ ସୁଯୋଗ୍ୟ ଦାୟାଦ ଆଜି ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନକୁ ପୁରଣ କରିବା ପାଇଁ ଭାରତୀୟ ଜନତା ପାର୍ଟୀର ପରିବାରରେ ସାମିଲ ହୋଇଛନ୍ତି। ନୂଆପଡାର ବିକାଶର ଦାୟିତ୍ୱ ମୁଁ ନେଇଛି, ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବାର ଦାୟୀତ୍ୱ ମୁଁ ନେଇଛି। ଆଗାମୀ ଦିନରେ ନୂଆପଡା ଡବଲ ଇଂଜିନ ସରକାରର ବିକାଶର ଗତି ଦେଖିବ ବୋଲି ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏବେ ନୂଆପଡା ଦେଖିବ ଡବଲ ଇଂଜିନ ସରକାରର ବିକାଶର ଗତି । ବିଭିନ୍ନ ଦଳରୁ ହଜାର ହଜାର କର୍ମୀଙ୍କ ସହିତ ଅନେକ ଦଳୀୟ ନେତା ନିଜ ନିଜ ଦଳ ତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କ ବିଚାର ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଛନ୍ତି। ଏତେ ସଂଖ୍ୟକ କର୍ମୀ ଗୋଟିଏ ଦଳ ଛାଡି ବିଜେପିରେ ମିଶିବା ହୁଏତ ପୂର୍ବରୁ କେବେ ହୋଇନଥିଲା। ଏହା ମୋତେ ଅଭିଭୂତ କରିଛି । ଆପଣମାନଙ୍କ ପରିଶ୍ରମ ଓ ତ୍ୟାଗ କେବଳ ବିଜେପି ନୁହେଁ, ବରଂ ରାଷ୍ଟ୍ର ଗଠନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ । ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ଅବସରରେ ନୂଆପଡା ଉପନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ କି ସନ୍ଦେହ ରହିବା କଥା ନୁହେଁ ବୋଲି ଶ୍ରୀ ମାଝୀ କହିଛନ୍ତି ।

ନୂଆପଡାର ବିକାଶର ଦାୟୀତ୍ୱ ମୁଁ ନେଇଛି, ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବାର ଦାୟୀତ୍ୱ ମୁଁ ନେଇଛି। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ଦିନ ଜିଲ୍ଲା ଗସ୍ତ ଅବସରରେ ୧୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡିକର ଶିଳାନ୍ୟାସ ହୋଇଛି । ଗୋଟିଏ ଦିନରେ ଗୋଟିଏ ଜିଲ୍ଲାରେ ଏତେ ଟଙ୍କାର ପ୍ରକଳ୍ପ ଆଗରୁ କେବେ ହୋଇନଥିଲା। ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତା ଓ ବ୍ୟକ୍ତିଗତ ଭାବେ ମୋର ଉତରଦାୟୀତ୍ୱ ବୋଲି ଶ୍ରୀ ମାଝୀ କହିଛନ୍ତି ।

ଅତୀତରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାଲେଶ୍ୱର, ଧାମନଗର, ପଦ୍ମପୁର, ବିଜେପୁର ଆଦି ଉପନିର୍ବାଚନରେ ବିକାଶର ଦାୟିତ୍ୱ ମୋର ବୋଲି ଘୋଷା ପାଠ କରିଥାନ୍ତି, ଏବଂ ପରବର୍ତ୍ତୀ ସମୟରେ ଉପନିର୍ବାଚନ ପରେ, ସବୁ କଥା ଭୁଲି ଯାଇ ଦାୟୀତ୍ୱ ବି ସାରି ଦେବାର କଥାକୁ ସମସ୍ତେ ମନେ ରଖିଛନ୍ତି। କିନ୍ତୁ ଆମ ସରକାରର ମନ୍ତ୍ର ହେଉଛି କଥା ଦେବୁ, କଥା ରଖିବୁ । କଥା ଦେଇ କଥା କେମିତି ରଖାଯାଏ, ତାହା ଗତ ପନ୍ଦର ମାସ ହେବ ଆମ ସରକାର ରାଜ୍ୟରେ କରୁଛନ୍ତି ଏବଂ ଗତ ୧୧ ବର୍ଷ ଧରି କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କେନ୍ଦ୍ରରେ କରିଆସୁଛନ୍ତି । ଆଜି ଯେତେବେଳେ ସମଗ୍ର ବିଶ୍ୱ ଏକ ଆର୍ଥିକ ସଂକଟ ଦେଇ ଗତି କରୁଛି, ଭାରତର ଅର୍ଥନୀତି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।



ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧାନ କୁଇଂଟାଲ ପିଛା ୮୦୦ ଟଙ୍କା ପ୍ରଦାନ ଏବଂ ସୁଭଦ୍ରା ଯୋଜନା ପାଇଁ ପାଂଚ ବର୍ଷକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇ ଏହାର ସୁଫଳ ୨୦ ଲକ୍ଷ ଅନ୍ନଦାତା ଏବଂ ଏକ କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ବି ପାଇଥିଲେ। ନୂଆପଡା ଜିଲ୍ଲାରୁ ଦୁଇ ଲକ୍ଷ ଚାହୀ ଏବଂ ୧ ଲକ୍ଷ ୫୫ ହଜାର ମା' ସୁଭଦ୍ରା ଯୋଜନାରୁ ଉପକୃତ ହୋଇଛନ୍ତି । ନିକଟ ଅତୀତରେ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଂଜୁର କରିଛନ୍ତି, ଯେଉଁଥିରେ ନୂଆପଡା ଜିଲ୍ଲାକୁ ଗୁରୁତ୍ୱ ମିଳିଛି। ବରଗଡ ରୋଡ – ନୂଆପଡା ରେଳ ଲାଇନ, ନୂଆପଡା – ଗୁଣପୁର – ଥେରୁବାଲି ରେଳ ଲାଇନ ପ୍ରକଳ୍ପ ସ୍ଥାନ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

ଜଣେ ସମାଜସେବକ ଭାବେ ନିଜ ଅଞ୍ଚଳ ଓ ଅଂଚଳବାସିଙ୍କ ପାଇଁ କାର୍ଯ୍ୟ କରିବା ଓ ତାଙ୍କ ସୁଃଖ ଦୁଃଖରେ ଛିଡା ହେବା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱଭାବ ଥିଲା । ଆଜି ତାଙ୍କ ଅବର୍ତ୍ତମାନରେ ତାଙ୍କର ସୁଯୋଗ୍ୟ ଦାୟାଦ ଜୟ ଢୋଲକିଆ ନିଜ ପିତାଙ୍କ ପଦାଙ୍କୁ ଅନୁସରଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବିଚାରଧାରା ଓ ବିକାଶର ଧାରାରେ ପ୍ରଭାବିତ ହୋଇ ବିଜେପିରେ ଯୋଗ ଦେଇଛନ୍ତି । ନୂଆପଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜ ପିତାଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ସଂପର୍କରେ ଭଲ ଭାବେ ଅବଗତ ଥିବା ଜୟ ଢୋଲକିଆ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଏହି ଅଂଚଳର ବିକାଶ ପାଇଁ ନିର୍ଣ୍ଣାୟକ ମୁହୂର୍ତ୍ତ ହେବାକୁ ଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି । ଜୟ ଢୋଲକିଆ ବିଜେପିରେ ସାମିଲ ହେବା ପରେ ବିଜେଡି ତରଫରୁ ଯେଉଁ ବ୍ୟକ୍ତିଗତ ଆଶାଳୀନ ମନ୍ତବ୍ୟ ଦିଆଯାଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ମାତ୍ର ଶାଳୀନତା ପାଇଁ ଜଣାଶୁଣା ନବୀନ ପଟ୍ଟନାୟକ ଏଭଳି ଘୃଣ୍ୟ ଟିପ୍ପଣୀକୁ ନିନ୍ଦା ନକରିବା ଅତ୍ୟନ୍ତ ମର୍ମାହତ କରିଛି। ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଜିଲ୍ଲାରେ ସୁଦୃଢ ସଂଗଠନ ଅଛି । ଢୋଲକିଆ ପରିବାରର ଜନପ୍ରିୟତା ଓ ନିଜ ବ୍ୟକ୍ତିଗତ ସଂଗଠନ ଅଛି । ଏବେ ଏହି ଡବଲ ଇଂଜିନ ତୃଣମୁଳ ସ୍ତରରେ କାନ୍ଧକୁ କାନ୍ଧ ମିଶାଇ କାର୍ଯ୍ୟ କରିବେ । ଏହି ନିର୍ବାଚନ ଏକପାଖିଆ ହେବ ଏବଂ ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ ବିପୁଳ ସଂଖ୍ୟାରେ ଭୋଟ ହାସଲ କରି ନିର୍ବାଚିତ ହେବେ । ଏହି ବିଶ୍ୱାସ କେବଳ ମୋର ନୁହେଁ, ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତାଙ୍‌ ?କ ଅଛି ବୋଲି ଶ୍ରୀ ମାଝୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେବାକୁ ଲୋକ ଆସିଛନ୍ତି । ଆମେ ଅକ୍ଲାନ୍ତ ପରିଶ୍ରମ କରି ଏଥର ବୃହତ ଓ ରେକର୍ଡ ବ୍ୟବଧାନରେ ବିଜୟୀ ହେବୁ । ରାଜ୍ୟର ବିକାଶ ମୁଖ୍ୟମନ୍ତ୍ରୀଙ୍କ ହାତରେ ହେଉଛି । ଆମେ ଯାହା କହିଛୁ ତାହା କରିଛୁ । ଚାଷୀ, ମହିଳାଙ୍କ ପାଇଁ ରାଜ୍ୟ ସମର୍ପିତ । ୧୧୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଯାହା ବିକାଶର ଚିତ୍ରକୁ ବଦଳିବ । ଆପଣଙ୍କ ଯେଉଁ ମେଡିକାଲ କଲେଜ ପାଇଁ ଦାବି ରହିଛି ତାକୁ ମଧ୍ୟ ଚିନ୍ତା କରାଯିବ । । ୪୦ବର୍ଷ ଓଡିଶାରେ ଓ ୫୬ବର୍ଷ କେନ୍ଦ୍ରରେ ଶାସନ କଲା କଂଗ୍ରେସ ଏବଂ ବିଜୁ ଜନତା ଦଳ ମଧ୍ୟ ଲମ୍ବା ସମୟ ଧରି ଶାସନ କରିବା ପରେ ମଧ୍ୟ ନୂଆପଡାବାସୀ ସମସ୍ତ ସୁବିଧାରୁ ବଂଚିତ ହେଲେ । କିନ୍ତୁ ୧୬ମାସ ଧରି ଭାରତୀୟ ଜନତାପାର୍ଟୀ ସରକାର ମୋହନ ମାଝୀଙ୍କ ନେତୃତ୍ୱରେ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୧୨ବର୍ଷର ବିଜେପି ସରକାର ଭାରତର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ।

## ସାରା ଦେଶରୁ ବିଦାୟ ନେଲା ମୌସୁମୀ

ଭୁବନେଶ୍ୱର,୧୬।୧୦(ମହାଭାରତ): ଦକ୍ଷିଣ-ପଶ୍ଚିମ ମୌସୁମୀ ଗୁରୁବାର ଦିନ ସମଗ୍ର ଦେଶରୁ ପ୍ରତ୍ୟାହାର ହୋଇଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କହିଛି। ଓଡ଼ିଶାର ଅବଶିଷ୍ଟ ଅଞ୍ଚଳ ସମେତ ଦେଶରୁ ବିଦାୟ ନେଇଛି ମୌସୁମୀ।

ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ କେରଳ ଛୁଇଁଥିଲା ମୌସୁମୀ ବାୟୁ ମେ ୨୪ ତାରିଖରେ କେରଳରେ ପହଞ୍ଚିଥିଲା। ସେହିପରି ମଇ ୨୮ ତାରିଖରେ ଏହା ଓଡ଼ିଶା ଛୁଇଁଥିଲା। ଏବେ ସାରା ଦେଶରୁ ମୌସୁମୀ ଅପସାରଣ ନେଇ ପାଗ ଅନୁକୂଳ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାରା ଦେଶରୁ ଦକ୍ଷିଣ ପଶ୍ଚିମ ବାୟୁ ଅପସାରଣ ନେଇ ପାଗ ଅନୁକୂଳ ଥିବା ପାଣିପାଗ ବିଭାଗ ସୂଚନା ଦେଇଛି ।ଏଥିସହିତ ଆଗାମୀ ୫ ଦିନ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ। ସେପଟେ ଆସନ୍ତା ୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଅଧିକ ଘନୀଭୂତ ହେବା ନେଇ ସୂଚନା ରହିଛି।

## ବିଜେପିର ନୂଆ ଟିମ୍

**ଭୁବନେଶ୍ୱର,୧୬।୧୦(ମହାଭାରତ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନୂଆ ଟିମ୍ ଘୋଷଣା ହୋଇଛି। ବିଭିନ୍ନ ପଦପଦବୀରେ ମୋଟ ୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତଙ୍କ ଅନୁମୋଦନ କ୍ରମେ ଆଜି ସେମାନଙ୍କ ନାଁ ଘୋଷଣା କରାଯାଇଛି।

ଓଡ଼ିଶା ଭାଜପା ନିଜର ନୂଆ ପଦାଧିକାରୀ ତାଲିକା ଘୋଷଣା କରିଛି। ଏହି ତାଲିକାରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକଙ୍କ ନାମ ସାମିଲ ରହିଛି। ୧୦ ଜଣଙ୍କୁ ଉପସଭାପତି କରାଯାଇଛି ସେମାନେ ହେଉଛନ୍ତି- ଯତୀନ ମହାନ୍ତି (ଖୋର୍ଦ୍ଧା), ଅଶୋକ ମିଶ୍ର (ନୟାଗଡ଼), କୁସୁମ ଟେଟେ (ସୁନ୍ଦରଗଡ଼), ରମେଶ ଚନ୍ଦ୍ର ସାହୁ (ନବରଙ୍ଗପୁର), କେ ନାରାୟଣ ରାଓ (ଗଜପତି), ଶିବାଜୀ ମହାନ୍ତି (ବଲାଙ୍ଗିର), ଭବେନ୍ଦ୍ର ପଣ୍ଡା (କଳାହାଣ୍ଡି), ସିପ୍ରା ବାଜପେୟୀ (ବାଲେଶ୍ୱର), ସୁଦର୍ଶନ ଗୋୟଲ (ରାଉରକେଲା) ଓ ବିଷ୍ଣୁ ଦାସ (କେନ୍ଦ୍ରାପଡ଼ା)।୪ ଜଣ ସାଧାରଣ ସମ୍ପାଦକ ହୋଇଛନ୍ତି ସେମାନେ ହେଉଛନ୍ତି- ବିରଞ୍ଚି ତ୍ରିପାଠୀ (ପୁରୀ), ଶାରଦା ପ୍ରସାଦ ଶତପଥୀ (ଭୁବନେଶ୍ୱର), ସୀମାଞ୍ଚଳ ଖଟେଇ (ସମ୍ବଲପୁର) ଓ ପୂର୍ଣ୍ଣିମା ପ୍ରୀୟଦର୍ଶନୀ ନାୟକ (କୋରାପୁଟ)। ୧୦ ଜଣଙ୍କୁ ସମ୍ପାଦକ କରାଯାଇଛି ସେମାନେ ହେଉଛନ୍ତି- ସରୋଜ କୁମାର କର (କଟକ), କାଳନ୍ଦୀ ସାମଲ (ଅନୁଗୋଳ), ସ୍ମୃତି ପଟ୍ଟନାୟକ (କଟକ), ପ୍ରୀତି ପ୍ରତିଭା ଭୋଳ (ପୁରୀ), ଭଗବାନ ମହାନ୍ତି (କନ୍ଧମାଳ), ପିଙ୍କି ପ୍ରଧାନ (ଭୁବନେଶ୍ୱର), ରାମଚନ୍ଦ୍ର ହାଂସଦା (ମୟୂରଭଞ୍ଜ-ପଶ୍ଚିମ), ମମତା ସିଂହ (କେନ୍ଦୁଝର), ପୃଥ୍ୱୀରାଜ ମହାପାତ୍ର (ଘୁମୁସର- ଆସ୍କା) ଓ ସ୍ମିତା ପ୍ରଧାନ (ଜଗତସିଂହପୁର)। ଭୁବନେଶ୍ୱରର ଅଜୟ ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ ଓ ପୁରୀର ଦିବାକର ହରିଚନ୍ଦନଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ କରାଯାଇଛି ।

## ଇସ୍କନର ସ୍ୱଷ୍ଟୀକରଣ

ଭୁବନେଶ୍ୱର,୧୬।୧୦(ମହାଭାରତ): ମଧୁବନ ଆଶ୍ରମ,ଇସ୍କନ ଋଷିକେଶର ଅଦିନିଆ। ରଥଯାତ୍ରା ପାଳନ ନେଇ ପ୍ରଚାର ପ୍ରସାର କରିବା ପରେ ଏଥିପାଇଁ କିଏ ଅନୁମତି ଦେଇଛନ୍ତିତାକୁ ନେଇ ପ୍ରଶ୍ନ ଉଠିଛି। ଏହି ବିବାଦ ଭିତରେ ଇସ୍କନର ଓଡ଼ିଶା କମ୍ୟୁନିକେସନ୍ ନିର୍ଦ୍ଦେଶକ ସ୍ୱଷ୍ଟିକରଣ ରଖି କହିଛନ୍ତି ଯେ ଏଥିରେ ଇସ୍କନ ଋଷିକେଶର କୌଣସି ସାଂଗଠନିକ କିମ୍ବା ଭୂମିକା ନ ଥିଲା। ଇସ୍କନ ଋଷିକେଶର କୌଣସି ଭକ୍ତ କିମ୍ବା ପ୍ରତିନିଧି ଅଂଶ ଗ୍ରହଣ କରି ନାହାନ୍ତି ପୁରୀ ଗଜପତି ମହାରାଜାଙ୍କ ସମ୍ମତି ସମୟ ସାରଣୀ ଅନୁସାରେ ପର୍ବ ପାଳନ କରୁଛି ।ସୂଚନା ଥାଉ କି ଉତ୍ତରାଖଣ୍ଡ ମଧୁବନ ଆଶ୍ରମ, ଋଷିକେଷ ଦ୍ୱାରା ଆୟୋଜିତ ୨୮ ତମ ଶ୍ରୀଜଗନ୍ନାଥ ରଥଯାତ୍ରା ସମ୍ପନ୍ନ କରିଛି ଇସ୍କନ ଅକ୍ଟୋବର ୭ ତାରିଖ ମଙ୍ଗଳବାର ଦିନ ଏଭଳି ଅଦିନିଆ। ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା।

## ବିହାରରେ ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁକ୍ରବାର ବିହାର ଗସ୍ତରେ ଯାଇ ବାଙ୍କା ଜିଲାରେ ଭାଜପା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ। ଆଦିବାସୀ ପ୍ରବଣ ଏହି ଜିଲ୍ଲାରେ ସେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ନୂଆପଡ଼ାରୁ ସିଧାସଳଖ ବିହାର ଯାତ୍ରା କରି ପ୍ରଚାର ଶେଷ କରି ଓଡ଼ିଶା ଫେରିବେ।



ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ମାହୋଲ ସରଗରମ ହେଉଛି। ଏହି ପରିପ୍ରେକ୍ଷୀରେ ବିଜେପି ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୪୦ ଜଣିଆ। ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ସ୍ଥାନରେ ଥିବା ବେଳେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ଧର୍ମେନ୍ଦ୍ର ପ୍ରଧାନ ଏବଂ ୟୁପି, ମହାରାଷ୍ଟ୍ର, ଆସାମ, ମଧ୍ୟପ୍ରଦେଶ ଓ ଦିଲ୍ଲୀର ମୁଖ୍ୟମନ୍ତ୍ରୀମାନେ ସାମିଲ ହୋଇଛନ୍ତି ଏହା ସହ ଏକାଧିକ କେନ୍ଦ୍ରମନ୍ତ୍ରୀ ଏବଂ ଭୋଜପୁରୀ ଅଭିନେତାମାନେ ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ପାଇଛନ୍ତି।

## ଜନ୍ମଦିନ ପାଳିଲେ ନବୀନ

ଭୁବନେଶ୍ୱର,୧୬।୧୦(**ମହାଭାରତ**): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଗୁରୁବାର ୭୯ ବର୍ଷ ରେ ପଦାର୍ପଣ କରିଛନ୍ତି। ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀ ରେ ବିଶ୍ୱାସ ରଖୁଥିବାନବୀନ ପଟ୍ଟନାୟକ ତାଙ୍କ ଜନ୍ମଦିନ ଅବସରରେ ଏସଓଏସ୍ ଭିଲେଜର ପିଲାମାନଙ୍କ ଗହଣରେ ସମୟ ବିତାଇଥିଲେ ।ଗୁରୁବାର ପୂର୍ବାହ୍ନରେ ନବୀନ ପଟ୍ଟନାୟକ ସେଠାର ପହଂଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାମାନେ ଦ୍ୱାରା ପ୍ରସ୍ତୁତ କେକ୍‌କୁ ଶ୍ରୀ ପଟ୍ଟନାୟକ କାଟିବାସହ ପିଲାମାନଙ୍କୁ ନିଜେ କେକ୍ ଖୁଆଇ ଦେଇଥିଲେ ଓ ପିଲାମାନଙ୍କୁ ଉପହାର ଦେଇଥିଲେ । ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ସହ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି । ତାଙ୍କ ଜନ୍ମ ଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଥିଲେ।



## ଏସ୍ଆଇ ପରୀକ୍ଷା ଘୋଟାଲା : ମୋଷ୍ଟ ଓ୍ୱାଣ୍ଟେଡ୍ ଦଲାଲ ମୁନା ଗିରଫ

**ଭୁବନେଶ୍ୱର,୧୬।୧୦(ମହାଭାରତ):** ପୋଲିସ୍ ଏସ୍ଆଇ ପରୀକ୍ଷା କେଲେଙ୍କାରୀର ମୁଖ୍ୟ ଦଲାଲ ମୁନା ମହାନ୍ତିଙ୍କୁ ଦଶପଲ୍ଲା ନିକଟରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ମୁନାଙ୍କ ସହ ତାଙ୍କର ଘନିଷ୍ଠ ସହଯୋଗୀ ସୁକାନ୍ତ ମହାରଣା ଓରଫ୍ ରିଙ୍କୁ ସମେତ ମୋଟ ୩ ଜଣଙ୍କୁ ଗିରଫ କରାଯାଇ ବ୍ରହ୍ମପୁର ନିଆଯାଇଛି। ମୁନାଙ୍କ କଳା ସାମ୍ରାଜ୍ୟ ନୟାଗଡ଼ ଦଶପଲ୍ଲା ପର୍ଯ୍ୟନ୍ତ ବ୍ୟାପିଥିବା ସୂଚନା ମିଳିଛି। ତାଙ୍କ ଦୁଇଟି ବ୍ରାଣ୍ଡ୍ ନ୍ୟୁ ଟିପର, ଯାହା ଗତ ୪ ମାସ ଓ ଏକ ବର୍ଷ ପୂର୍ବେ କିଣା ହୋଇଥିଲା, ଚୋରା ବାଲି ଚଲାଣ ପାଇଁ ବ୍ୟବହୃତ ହେଉଥିବା ଜଣାପଡ଼ିଛି। ଅନ୍ୟତମ କିଙ୍ଗପିନ୍ ଶଙ୍କର ପୃଷ୍ଟି ଏବେ ବି ଫେରାର ଅଛି।

ଏହି ଟିପର କେଲେଙ୍କାରୀରୁ ମିଳିଥିବା ଟଙ୍କାରେ କିଣା ହୋଇଥିବା ଅଭିଯୋଗ ହେଉଛି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲିଥିବା ମାମଲାରେ କୋର୍ଟ କ୍ରାଇମବ୍ରାଞ୍ଚକୁ କେସଡାଏରୀ ଓ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମୁନା ଓ ଅନ୍ୟ ଦୁଇ ଜଣ ଗିରଫ ହେବା ପରେ ଏହି ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୨୦ ଟପି ଯାଇଛି, ଯେଉଁମାନଙ୍କ ମଧ୍ୟରେ ୧୧୪ ଜଣ ଏସ୍ଆଇ ଆଶାୟୀ ଅଛନ୍ତି।ମୁନା, ଶଙ୍କର ପୃଷ୍ଟି ଓ ତା ପତ୍ନୀ ଏହା ମଧ୍ୟରେ ହାଇକୋର୍ଟରେ ଆଗୁଆ। ଜାମିନ ଆବେଦନ କରିଥିଲେ। ମୁନା ପୂର୍ବରୁ ଦଶପଲ୍ଲାର ଏକ ଫାର୍ମ ହାଉସ୍‌ରେ ଲୁଚିଥିବା ସୂଚନା ଥିଲା, କିନ୍ତୁ କ୍ରାଇମବ୍ରାଞ୍ଚ ଚଢ଼ାଉ ପୂର୍ବରୁ ସେ ଚମ୍ପଟ ମାରିଥିଲେ। ଏବେ ତାଙ୍କୁ ଗିରଫ କରାଯିବା ପରେ ଏହି କେଲେଙ୍କାରୀର ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଏହି ମାମଲାରେ ଆହୁରି କେତେ ରହସ୍ୟ ଖୋଲିବ, ତାହା ଏବେ ଦେଖିବାର ବିଷୟ। ଏହି ମାମଲାରେ କିଛି ଦିନ ତଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ବଣିକ କୋଚିଂ ସେଣ୍ଟରରେ ଚଢ଼ାଉ କରାଯାଇଥିଲା ଏହା ସହିତ ତାର କିଛି କର୍ମଚାରୀଙ୍କୁ ଘନ ଘନ ଜେରା କରାଯାଇଥିଲା। ଏହି ମାମଲାରେ ଗିରଫ କିଛି ଆଶାୟୀ ବଣିକରେ କୋଚିଂ ନେଉଥିବାରୁ ଏଥିରେ ଏହି ସଂସ୍ଥାର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ମାଓଗଡ଼ ଅବୁଝମାର ଓ ଉତ୍ତର ବସ୍ତର ମାଓମୁକ୍ତ : ଶାହ

ନୂଆଦିଲ୍ଲୀ,୧୬।୧୦(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଗତ ଦୁଇ ଦିନ ମଧ୍ୟରେ ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ୨୫୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି, ଯାହା ନକ୍ସଲବାଦ ବିରୋଧରେ ଆମର ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେ କହିଥିଲେ, ଆଜି ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଗତକାଲି ୨୭ ଜଣ ଛତିଶଗଡ଼ରେ ଏବଂ ୬୧ ଜଣ ମହାରାଷ୍ଟ୍ରରେ ଅସ୍ତ୍ର ସମର୍ପଣ କରିଛନ୍ତି।

ଭାରତର ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ ହିଂସା ପରିତ୍ୟାଗ କରିବା ଲାଗି ସେମାନଙ୍କ ନିଷ୍ପତ୍ତିକୁ ଗୃହମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହା ଏହି ସତ୍ୟର ପ୍ରମାଣ ଦେଉଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି ବିପଦର ଅବସାନ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ନକ୍ସଲବାଦ ଶେଷ ନିଃଶ୍ୱାସ ପ୍ରଶ୍ୱାସ ନେଉଛି।

ଏକ୍ସରେ ଏକ ପୋଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, 'ନକ୍ସଲବାଦ ବିରୋଧରେ ଆମର ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆଜି ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଗତକାଲି ଛତିଶଗଡେରେ ୨୭ ଜଣ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିଲେ। ମହାରାଷ୍ଟ୍ରରେ ଗତକାଲି ୬୧ ଜଣ ମୁଖ୍ୟଧାରାକୁ ଫେରିଥିଲେ। ଗତ ଦୁଇ ଦିନ ମଧ୍ୟରେ ମୋଟ ୨୫୮ ଜଣ ବାମପନ୍ଥୀ ଉଗ୍ରବାଦୀ ହିଂସା ଛାଡ଼ିଛନ୍ତି। ଭାରତର ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ, ହିଂସାକୁ ପରିତ୍ୟାଗ କରିବାର ସେମାନଙ୍କର ନିଷ୍ପତ୍ତିକୁ ମୁଁ ପ୍ରଶଂସା କରୁଛି। ଏହା ଏହି ସତ୍ୟକୁ ପ୍ରମାଣିତ କରେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଏହି ବିପଦର ଅବସାନ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ନକ୍ସଲବାଦ ଶେଷ ନିଃଶ୍ୱାସ ପ୍ରଶ୍ୱାସ ନେଉଛି। ମୋଦୀ ସରକାରଙ୍କ ନୀତି ସ୍ପଷ୍ଟ: ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସ୍ୱାଗତ, ଏବଂ ଯେଉଁମାନେ ବନ୍ଧୁକ ଚଳାଇବେ ସେମାନେ ଆମ ସେନାର ସମ୍ମୁଖୀନ ହେବେ। ଯେଉଁମାନେ ଏବେବି ନକ୍ସଲବାଦର ପଥରେ ଅଛନ୍ତି, ସେମାନଙ୍କୁ ମୁଁ ପୁଣିଥରେ ନିବେଦନ କରୁଛି ଯେ ସେମାନେ ନିଜର ଅସ୍ତ୍ରଶସ୍ତ୍ର ତ୍ୟାଗକରି ମୁଖ୍ୟଧାରାରେ ସାମିଲ ହୁଅନ୍ତୁ। ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ନକ୍ସଲବାଦକୁ ମୂଳପୋଛ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।

ଏକ୍ସରେ ଅନ୍ୟ ଏକ ପୋଷ୍ଟରେ ଶାହ କହିଛନ୍ତି, 'ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଛତିଶଗଡ଼ର ଅବୁଝମାର ଏବଂ ଉତ୍ତର ବସ୍ତର, ଯାହା ଏକଦା ଆତଙ୍କବାଦୀ ବେସ୍ ଥିଲା, ଆଜି ନକ୍ସଲ ଆତଙ୍କବାଦରୁ ମୁକ୍ତ ବୋଲି ଘୋଷଣା କରାଯାଇଛି। ଜାନୁଆରୀ ୨୦୨୪ ଠାରୁ, ଛତିଶଗଡ଼ରେ ଆମ ସରକାର ଗଠନ ହେବା ପରେ, ୨,୧୦୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି, ୧,୭୫୮ ଜଣ ଗିରଫ ହୋଇଛନ୍ତି, ଏବଂ ୪୭୭ ଜଣ ନିହତ ହୋଇଛନ୍ତି। ଏହି ସଂଖ୍ୟା ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ନକ୍ସଲବାଦକୁ ଧ୍ୱଂସ କରିବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ପ୍ରତିଫଳିତ କରୁଛି।''

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ତାଲିକାରେ ସତୀଶ ଓରଫ ଟି ବାସୁଦେଓ ରାଓ (ସିସିଏମ), ରନିତା (ଏସଜେଡିସିଏମ, ମାଡ ଡିଭିସିର ସଚିବ), ଭାସ୍କର (ଡିଭିସିଏମ, ପିଏଲ ୩୨), ନୀଲା ଓରଫ ନାନ୍ଦେ (ଡିଭିସିଏମ, ଆଇସି ଏବଂ ନେଲନାର ଏସି ସଚିବ), ଦୀପକ ପାଲୋ (ଡିଭିସିଏମ, ଆଇସି ଏବଂ ଇନ୍ଦ୍ରାବତୀ ଏସି ସଚିବ) ଙ୍କ ସମେତ ୧୦ ଜଣ ବରିଷ୍ଠ କାର୍ଯ୍ୟକର୍ତ୍ତା ଅଛନ୍ତି। ଟି. ବାସୁଦେଓ ରାଓ (ସିସିଏମ)ଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ଏସ୍. ଜେଡ୍. ସି. ଏମ୍. ପାହ୍ୟାର ପରିଚାଳକମାନଙ୍କ ଉପରେ ୨୫ ଲକ୍ଷ ଟଙ୍କା, ଡି. ଭି. ସି. ଏମ୍. ମାନଙ୍କ ଉପରେ ୧୦ ରୁ ୧୫ ଲକ୍ଷ ଟଙ୍କା ଏବଂ ଏ. ସି. ଏମ୍. ମାନଙ୍କ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ଥିଲା। ଏ. କେ.-୪୭, ଇନ୍ସାସ୍., ଏସ୍.ଏଲ୍.ଆର୍., ୩୦୩ ରାଇଫଲ୍ ଇତ୍ୟାଦି ସମେତ ବହୁ ସଂଖ୍ୟକ ସ୍ୱୟଂକ୍ରିୟ ଅସ୍ତ୍ରଶସ୍ତ୍ର ସେମାନଙ୍କ ଦ୍ୱାରା ସମର୍ପଣ କରାଯାଇଛି।

## ସରକାରୀ କର୍ମଚାରୀଙ୍କ ବଢ଼ିଲା ମହଙ୍ଗା ଭତ୍ତା

**ଭୁବନେଶ୍ୱର,୧୬।୧୦(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦୀପାବଳି ପର୍ବ ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ବିଜେପିର ୪୦ ଜଣିଆ ଷ୍ଟାର ପ୍ରଚାରକ

**ଭୁବନେଶ୍ୱର,୧୬।୧୦(ମହାଭାରତ):** ନୂଆପଡା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଛି । ଏଥିପାଇଁ ଗୁରୁବାର ଦିନ ବିଜେପି ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ଦଳ ସହିତ ଯୋଡିବା ହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଏହି ତାଲିକାରେ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ, ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂସଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ. ସମ୍ବିତ ପାତ୍ର, ବରିଷ୍ଠ ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବିଜମୋହନ ଅଗ୍ରୱାଲ, ସଂଗୀତା ସିଂହଦେଓ, ପଂଚାୟତିରାଜ ଏବଂ ପାନୀୟ ଜଳ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ, ଆଦିବାସୀ କଲ୍ୟାଣ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଛତିଶଗଡ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସଓ୍ୱନ୍ତ ସାହବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସାଂସଦ ସୁଜିତ କୁମାର, ସାଂସଦ ରୁପକୁମାରୀ ଚୌଧୁରୀ, ଶ୍ରୀମତୀ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ସାଂସଦ ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାଶ ନାୟକ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ ବିଧାୟକ ଶ୍ରୀ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ଲକ୍ଷ୍ମଣ ବାଗ ଏବଂ ସନତ ଗଡତିଆ ପ୍ରମୁଖ ସାମିଲ ଅଛନ୍ତି ।







## ଡାଲି କଟ୍‌ଲେଟ



**ଆବଶ୍ୟକ ସାମଗ୍ରୀ:**
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

**ଖବର**

## ଦୀପାବଳି ପୂର୍ବରୁ ରଣବୀରଙ୍କ ଫିଲ୍ମ 'ଧୁରନ୍ଧର'ର ଟାଇଟଲ ଗୀତ ରିଲିଜ୍




ଦୀପାବଳି ପୂର୍ବରୁ ରଣବୀର ସିଂହଙ୍କ ଧମାକା। ରଣବୀର ସିଂହଙ୍କ ଅପକମିଂ ଫିଲ୍ମ 'ଧୁରନ୍ଧର' ଟାଇଟଲ ଗୀତ ରିଲିଜ। ଯେଉଁଥିରେ ରଣବୀରଙ୍କ ଜୋସ୍ ଦେଖିବାକୁ ମିଳିଛି ।ବିଗତ କିଛିଦିନ ହେଲାଣି ବଡ଼ ପରଦାରୁ ଗାଏବ ରହିଥିଲେ ରଣବୀର ସିଂହ । କିନ୍ତୁ ଫିଲ୍ମ ଧୁରନ୍ଦର ଜରିଆରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି । କିଛି ମାସ ପୂର୍ବରୁ ରଣବୀର ସିଂହ ଜନ୍ମଦିନ ଅବସରରେ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର' ଟିଜର ରିଲିଜ କରିଛନ୍ତି । ଯାହା ବେଶ୍ ଚର୍ଚ୍ଚାରେ ରହିଥିଲା ।ଏହି ଟିଜରରେ ରଣବୀର ସିଂହଙ୍କ ଲୁକ୍ ଏବଂ ଆକ୍ସନ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିଛି । ଏହି ଟିଜର ପରେ ଫିଲ୍ମର ଟାଇଟଲ ଗୀତ ରିଲିଜ ହୋଇଛି । ଗୀତକୁ ସମସ୍ତେ ପସନ୍ଦ କରୁଛନ୍ତି । ଦୀପାବଳି ଠିକ୍ ପୂର୍ବରୁ ରଣବୀର ସିଂହଙ୍କ ଫିଲ୍ମର ଟାଇଟଲ ଗୀତକୁ ରିଲିଜ କରିଛନ୍ତି।

## ରତ୍ନାବଳୀ କାଳୀ ଶକ୍ତିପୀଠ, ହୁଗଳୀ





। ରତ୍ନାବଳୀ କାଳୀଙ୍କ ଶକ୍ତିପୀଠ ରହିଛି । କାଳୀ ମାତାଙ୍କ ଏହି ପ୍ରସିଦ୍ଧ ମନ୍ଦିର ରତ୍ନାକର ନଦୀ ତଟରେ ଅବସ୍ଥିତ । ଏହି ମନ୍ଦିରରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ-ପୂଜନ ପାଇଁ ଆସିଥାନ୍ତି । ଏଠାରେ ଶକ୍ତିଙ୍କ ଅଦ୍ଭୁତ ଭକ୍ତି ଦେଖିବାକୁ ମିଳିଥାଏ। ଏପରି ମାନ୍ୟତା ରହିଛି ଯେ ଏଠାରେ ମାତା ସତୀଙ୍କ ଡାହାଣ କାନ୍ଧ ଖସିପଡ଼ିଥିଲା। ମନ୍ଦିରର ପୁରୋହିତ ଶିଶିର କୁମାର ବଟୋବୟାଲ୍ ଏବଂ ଚିନ୍ତାମଣି ମନୀ ବଟୋବୟାଲ୍ କୁହନ୍ତି ଯେ ବହୁବର୍ଷ ପୂର୍ବରୁ ରତ୍ନାକର ନଦୀ ନିକଟରେ ବ୍ରହ୍ମଚାରୀ ସ୍ୱରୂପାନନ୍ଦ ଏକ ପଥର ପାଇଥିଲେ । ଏହି ପଥର ମାତାଙ୍କ କାନ୍ଧ ଭଳି ପ୍ରତୀୟମାନ ହୋଇଥିଲା। ଏହି ପଥରକୁ ସେ ଏକ କଳସରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ । ଏହାପରେ ସ୍ଥାନୀୟ ଲୋକମାନେ ଏଠାରେ ମନ୍ଦିରର ନିର୍ମାଣ କରାଇଲେ ଏବଂ ମାତା ରତ୍ନାବଳୀ କାଳୀଙ୍କ ମୂର୍ତ୍ତି ପ୍ରତିସ୍ଥାପିତ କରାଇଥିଲେ । ନବରାତ୍ରୀର ନଅ ଦିନ ମାତାଙ୍କ ନଅଟି ରୂପର ପୂଜା କରାଯାଇଥାଏ। ମା'କାଳୀଙ୍କ ଏହି ମନ୍ଦିର ଆନନ୍ଦମୟୀ ଧାମ ନାମରେ ମଧ୍ୟ ପ୍ରସିଦ୍ଧ ଅଟେ । ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ପୂଜାରୀ ମାତାଙ୍କୁ 'କୁମାରୀ' ରୂପରେ ପୂଜା କରିଥାନ୍ତି ।

## ଐତିହାସିକ କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର



ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିସ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ୍ନତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ଯ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ ।ବାବା ଧବଳେଶ୍ୱର ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରୁଥିବା ବିଶ୍ୱାସ ରହିଆସିଛି। ପ୍ରତିଦିନ ଏଠାରେ କେହି ନା କେହି ଜଳାଭିଷେକ, ରୁଦ୍ରାଭିଷେକ କରି ନିଜ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

## ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ



ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ। ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଯାଏ । ଉପରୋକ୍ତ ଗ୍ୟାଜେଟରେସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ଲେନ୍ସର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳି ନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍‌ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।

## ସିନ୍ଦୁର ସହ ଜଡିତ କିଛି ବିଶେଷ ଉପାୟ

ବାସ୍ତୁରେ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ସ୍ତ୍ରୀର ମୁଖ୍ୟ ଶୃଙ୍ଗାର ହେଉଛି ସିନ୍ଦୂର। ଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା କରାଯାଇଛି ସିନ୍ଦୂର ପିନ୍ଧିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୋଇଥାଆନ୍ତି। ବିଭିନ୍ନ ପ୍ରକାର



ରୋଗରୁ ଦୂରେଇ ରହିଥାଆନ୍ତି। ଜାଣନ୍ତୁ ସିନ୍ଦୂର ସହ ଜଡିତ କିଛି ସହଜ ଉପାୟ ବିଷୟରେ
ପ୍ରତ୍ୟେକ ଦିନ ସୂର୍ଯ୍ୟଦେବତାଙ୍କୁ ଜଳ ଅର୍ପଣ କରିବା ସମୟରେ ସେଥିରେ ସିନ୍ଦୂର ପକାଇ ଅର୍ପଣ କରନ୍ତୁ।
ଗୃହର ମୁଖ୍ୟଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତିର ବାତାବରଣ ସର୍ବଦା ରହିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହେଉଥିଲେ ଏହି ଉପାୟ ନିଶ୍ଚୟ ଆପଣାନ୍ତୁ।
ଏହାସହ ତେଲରେ ସିନ୍ଦୂର ମିଶାଇ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏପରି ଲଗାତାର ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଥାଏ।
ହିନ୍ଦୁଧର୍ମ ଅନୁଯାୟୀ ସିନ୍ଦୂର ବିନା ଦେବାଦେବୀଙ୍କ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ।
ଧନସମ୍ପତ୍ତି ଜନିତ ସମସ୍ୟାର ସମାଧାନ ପାଇଁ ମଲ୍ଲୀଫୁଲର ତେଲରେ ସିନ୍ଦୂର ମିଶାଇ ୫ଟି ମଙ୍ଗଳବାର ଓ ଶନିବାର ପ୍ରଭୁ ହନୁମାନଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା କର୍ମକ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ। ମନସ୍କାମନା ପୂରଣ ହୋଇଥାଏ।
ଘରର ମୁଖ୍ୟଦ୍ୱାରରେ ସିନ୍ଦୂର ଅର୍ପଣ ହୋଇଥିବା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖିବା ଦ୍ୱାରା ଘରେ ସର୍ବଦା ସୁଖଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଥାଏ।
ସଧବା ମହିଳାମାନେ ସ୍ନାନ ପରେ ମା'ଗୌରୀଙ୍କୁ ସିନ୍ଦୂର ଅର୍ପଣ କରିବା ସହ କିଛି ସିନ୍ଦୂର ମଥାରେ ଲଗାଇବା ଦ୍ୱାରା ବୈବାହିକ ଜୀବନ ସୁଖଶାନ୍ତିରେ ବିତିଥାଏ।

# ଏସୀୟ ଟେବୁଲ ଟେନିସ୍ ଟିମ୍ ଚମ୍ପିଆନସିପ ଉଦ୍‌ଯାପିତ



ଭୁବନେଶ୍ୱର,୧୬।୧୦ (ମହାଭାରତ): କ୍ରୀଡ଼ାରେ ପ୍ରକୃତ ବିଜୟ କେବଳ ପଦକ ଜିତିବାରେ ନୁହେଁ, ବରଂ ନିଜର ସର୍ବୋତ୍ତମ ପ୍ରଦର୍ଶନ, ପ୍ରତିପକ୍ଷଙ୍କୁ ସମ୍ମାନ ଏବଂ କ୍ରୀଡ଼ା ମନୋଭାବ ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେବାରେ ମଧ୍ୟ ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି କଳିଙ୍ଗ ଷ୍ଟାଡିୟମରେ ୨୮ତମ ଏସୀୟ ଟେବୁଲ ଟେନିସ୍ ଟିମ୍ ଚମ୍ପିଆନସିପ ୨୦୨୫ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ନିଜ ଉଦ୍‌ବୋଧନରେ ଏହି ଚମ୍ପିଆନସିପକୁ ଏକ ଅସାଧାରଣ କାର୍ଯ୍ୟକ୍ରମ ଭାବେ ରାଜ୍ୟପାଳ ବର୍ଣ୍ଣନା କରି କହିଥିଲେ ଯେ ପଦକ ଏବଂ ଟାଇଟଲ୍ ଅପେକ୍ଷା ଏହି ଟୁର୍ଣ୍ଣାମେଂଟ କ୍ରୀଡ଼ାର ଗଭୀର ମର୍ମ ଯଥା ଦୃଢତା, ଦଳଗତ ପ୍ରଦର୍ଶନ ଏବଂ ସମ୍ମାନ ମନୋଭାବର ଉଦାହରଣ ସାଜିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ। ଭୁବନେଶ୍ୱର ପୁଣି ଥରେ କ୍ରୀଡ଼ାର ଶକ୍ତି ମାଧ୍ୟମରେ ବିଭିନ୍ନ ଦେଶକୁ ଏକତ୍ରିତ କରିଛି। ଗତ ପାଞ୍ଚ ଦିନ ଧରି ଐତିହାସିକ କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ୍ସ ସେଂଟରର ଶକ୍ତି, ଉତ୍ସାହ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ଉତ୍କର୍ଷତାର ଆତ୍ମାରେ ପ୍ରତିଫଳିତ ହୋଇଛି। ପ୍ରଥମ ଥର ପାଇଁ ଓଡ଼ିଶା ଏହି ମର୍ଯ୍ୟାଦାବନ୍ତ ଚମ୍ପିଆନସି ଆୟୋଜନ କରି କ୍ରୀଡ଼ା ଯାତ୍ରାରେ ଆଉ ଏକ ମାଇଲଖୁଂଟ ସ୍ଥାପନ କରିଛି ବୋଲି କହିଥିଲେ। ବିଜେତା ଓ ଅଂଶ ଗ୍ରହଣକାରୀମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ଲଣ୍ଡନରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଟେବୁଲ ଟେନିସ୍ ଚମ୍ପିଆନସି - ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ସଫଳତାକୁ ସମର୍ପଣ ଏବଂ କଠିନ ପରିଶ୍ରମର ଫଳ ବୋଲି କହିଥିଲେ। କ୍ରୀଡ଼ାରୁ ଜୀବନରେ କିପରି ଶିକ୍ଷା ଲାଭ କରି ହୁଏ ସେ ସଂପର୍କରେ ରାଜ୍ୟପାଳ ଅବତାରଣା କରିଥିଲେ ଏବଂ ଟେନିସ୍ ଖେଳ କିପରି ସାହସ, ସ୍ଥିରତା ଏବଂ ଦୃଢତା ଶିଖାଏ ତାହା ଉଲ୍ଲେଖ କରିଥିଲେ। ପଏଂଟ ହରାଇଲେ ମଧ୍ୟ ଶ୍ରେଷ୍ଠ ଖେଳାଳୀମାନେ ଶାନ୍ତ ରହି ନିଷ୍ଠାର ସହ ଖେଳି ଉତ୍କର୍ଷତା ହାସଲ କରନ୍ତି। ସେହିପରି ଜୀବନରେ ପୁଣି ଥରେ ଉଠିବାର ଆମର କ୍ଷମତା ହିଁ ଆମକୁ ପରିଭାଷିତ କରେ ବୋଲି ରାଜ୍ୟପାଳ କହିଥିଲେ। ଭାରତର କ୍ରୀଡ଼ା ଇକୋସିଷ୍ଟମକୁ ପରିବର୍ତ୍ତନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ହବ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ। ସମ୍ମାନନୀୟ ଅତିଥିଭାବେ କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର- ତଥା-ଶାସନ ସଚିବ ସଚିନ ଆର.ଜାଧଭ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଭିଜିଲାନ୍ସ ଜାଲରେ ଡାଟାଏଣ୍ଟ୍ରି ଅପରେଟର

ଭୁବନେଶ୍ୱର,୧୬।୧୦ (ମହାଭାରତ): ଘରବାଡ଼ି କିସମ ପରିବର୍ତନ ପାଇଁ ବେଗୁନିଆ ତହସିଲରେ କାର୍ଯ୍ୟରତ ଡାଟାଏଂଟ୍ରି ଅପରେଟର ସ୍ମୃତି ଜୟସିଂହ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଘରବାଡ଼ି କିସମ ପରିବର୍ତନ ପାଇଁ ଅତିରିକ୍ତ ତହସିଲଦାରଙ୍କ ନାମରେ ୮ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଧରାହୋଇଛନ୍ତି ସ୍ମୃତି। ଖୋର୍ଦ୍ଧା ଓ ଭିଜିଲାନ୍ସ ଟିମ୍ ମିଳିତ ଭାବେ ଚଢ଼ଉ କରିଥିଲେ। ୩ ଜଣ ଡିଏସପି, ୨ ଜଣ ଇନ୍ସପେକ୍ଟର ଚଢ଼ଉରେ ସାମିଲ ହୋଇଛନ୍ତି। କାର୍ଯ୍ୟାଳୟ ସମେତ ତାଙ୍କ ବାସଭବନରେ ଚଢ଼ଉ ଜାରି ରହିଛି। ଗଡମାଣିତ୍ରୀର ଶିଶିର ମଙ୍ଗରାଜ ଘରବାଡ଼ି କିସମ ପରିବର୍ତନ ପାଇଁ ଆବେଦନ କରିଥିଲେ। ଗତ ଏକ ମାସ ଧରି ସେ କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ସ୍ମୃତି ତାଙ୍କୁ କହିଲେ ଆରଆଇ ଏବଂ ଅତିରିକ୍ତ ତହସିଲଦାର ଟଙ୍କା ନେବେ। ଟଙ୍କା ଦେଲେ କାମ ହୋଇଯିବ। ଶିଶିର ଏ ସମ୍ପର୍କରେ ଗତ ୧୪ ତାରିଖରେ ଖୋର୍ଦ୍ଧା ଭିଜିଲାନ୍ସ ବିଭାଗରେ ଲିଖିତ ଅଭିଯୋଗ କରିଥିଲେ।

# ଆକ୍ସିସ ବ୍ୟାଙ୍କ ତ୍ରୈମାସିକରେ ଲାଭ ୧୦,୪୧୩ କୋଟି

ଭୁବନେଶ୍ୱର,୧୬।୧୦ (ମହାଭାରତ): ଦେଶର ଅଗ୍ରଣୀ ଘରୋଇ କ୍ଷେତ୍ରର ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ଦ୍ୱିତୀୟ ତ୍ରୈମାସିକ ଓ ଅର୍ଦ୍ଧବାର୍ଷିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ପରିଚାଳନା ଲାଭ ପରିମାଣ ୧୦,୪୧୩ କୋଟି ଟଙ୍କା ରହିଛି। ନିଟ୍ ସୁଧ ଆୟ (ଏନ୍ଆଇଆଇ) ୧୩,୭୪୫ କୋଟି ଟଙ୍କା ରହିଛି। ଫି ଆୟ ୧୦ ପ୍ରତିଶତ ବଢ଼ି ୬୦୩୭ କୋଟି ଟଙ୍କା, ରିଟେଲ ଫି' ବୃଦ୍ଧି ୧୦ ପ୍ରତିଶତ ବଢ଼ିଥଲା। କର୍ପୋରେଟ ଓ କମର୍ସିଆଲ ବ୍ୟାଙ୍କିଙ୍ଗ ଫି ୮ ପ୍ରତିଶତ ବୃଦ୍ଧି ପାଇ ୧୭୬୮ କୋଟି ଟଙ୍କା ହୋଇଛି। ଟ୍ରେଡିଂ ଆୟ ଲାଭ ୪୯୮ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଆୟ ୯୦ କୋଟି ଟଙ୍କା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନିର ପ୍ରୋଭିଜନ ଓ ଆପାତକାଳୀନ ସ୍ଥିତି ପାଇଁ ୩୫୪୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଋଣ ଜନିତ କ୍ଷତି ପାଇଁ ୨୧୩୩ କୋଟି ଟଙ୍କା ରଖାଯାଇଛି। ବ୍ୟାଙ୍କର କ୍ରମବର୍ଦ୍ଧିଷ୍ଣୁ ପ୍ରୋଭିଜନିଂ ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ୧୩,୨୬୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୫ ସେପ୍ଟେମ୍ବରେ ସୁଦ୍ଧା ଶେଷ ଅର୍ଦ୍ଧବାର୍ଷିକରେ ଆକ୍ସିସ୍ ବ୍ୟାଙ୍କର ନିଟ୍ ସୁଧ ଆୟ ୨୭,୩୦୪ କୋଟି ଟଙ୍କା ରହିଛି। ଫି'ରୁ ଆୟ ପରିମାଣ ୧୦ ପ୍ରତିଶତ ବୃଦ୍ଧି ପାଇ ୧୧,୭୮୩ କୋଟି ଟଙ୍କା ରହିଛି। ଏହି ସମୟରେ ପରିଚାଳନା ଲାଭ ପରିମାଣ ୫ ପ୍ରତିଶତ ବଢ଼ି ୨୧,୯୨୮ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷ ୨୦,୮୧୯ କୋଟି ଟଙ୍କା ଥିଲା।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୬।୧୦ (ମହାଭାରତ): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଛି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି



ଭାବେ ଯୋଗଦେଇ ବିଜ୍ଞାନର ଉପଯୋଗୀତା ଦ୍ୱାରା ମାନବ ଜୀବନ କଲ୍ୟାଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାର ସଠିକ ପରିଚାଳନା ହିଁ ସମାଜରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ ବୋଲି ସେ ଉଲ୍ଲେଖ କରିଥିଲେ।ଜାତିର ପ୍ରଗତି ପାଇଁ ବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ସହ କଳା, ସାହିତ୍ୟ, ସଂସ୍କୃତିର ବିକାଶ ଓ ପରିପ୍ରକାଶ ଏକାନ୍ତ ଅପରିହାର୍ଯ୍ୟ। ଏକ ମୂଲ୍ୟବୋଧଭିତ୍ତିକ ସୁରୁଚିସଂପନ୍ନ ସମାଜ ଗଢ଼ିବାରେ ଏହା ଯଥେଷ୍ଟ ସହାୟକ ହୁଏ। ବାର୍ଷିକ ଉତ୍ସବ ପାଳନ ଦ୍ୱାରା ପାରସ୍ପରିକ ସଦଭାବ ଦୃଢ଼ ହୋଇଥାଏ ଏବଂ କାର୍ଯ୍ୟକ୍ଷେତ୍ରରେ ଏହାର ସୁପ୍ରଭାବ ପଡିଥାଏ ବୋଲି ସେ କହିଥିଲେ। ସେହିଭଳି ସମ୍ମାନନୀୟ ଅତିଥି ଭାବେ ଓଡିଶା ମହାକାଶ ଉପଯୋଗ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ରଶ୍ମିତା ପଣ୍ଡା ଯୋଗ ଦେଇ ମଣିଷର କର୍ମ ହିଁ ଜୀବନାଦର୍ଶର ମାର୍ଗ ଉନ୍ମୁକ୍ତ କରିଥାଏ ବୋଲି କହିଥିଲେ। ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ କଳା, ସଂସ୍କୃତିର ଲୁକ୍କାୟିତ ପ୍ରତିଭା ଲୁଚି ରହିଛି ଏବଂ ଏଭଳି କାର୍ଯ୍ୟକ୍ରମ ଏହାକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଥିଲେ। ସେହିଭଳି ପରିଷଦର ସଭାପତି ତଥା ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉତ୍ସବ ପାଳନ ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରୁଥିଲେ। ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ପଦ୍ମଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦର ଉପ ସଭାପତି ତଥା ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ଦ୍ଦେଶିକା ଶ୍ରୀମତୀ ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ବାର୍ଷିକ ପତ୍ରିକା ବିଜ୍ଞାନ କଳିକା-୨୦୨୫ ଉନ୍ମୋଚିତ ହୋଇଛି। ଏଥିସହ ନାଟକ 'ସଳିତା' ପରିବେଷଣ ହୋଇଛି। ନାଟ୍ୟକାର ଜଷ୍ଟିସ ଅରୁଣ ପରିଛା, ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ, ସହ ନିର୍ଦ୍ଦେଶକ ଅଭିଷେକ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବିନୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନେକ୍ସସ୍ ଏସ୍ପ୍ଲାନେଡରେ ଦୀପାବଳି ପାଳନ

ଭୁବନେଶ୍ୱର,୧୬।୧୦ (ମହାଭାରତ): ଚଳିତ ବର୍ଷ ଆଲୋକର ଏହି ଉତ୍ସବ ଋତୁରେ ନେକ୍ସସ ଏସପ୍ଲାନେଡ୍ ଗ୍ରାହକ ମାନଙ୍କ ପାଇଁ ଆଣିଛି କିଛି ଆକର୍ଷଣୀୟ ଅଫର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ସମାରୋହ। ଆସନ୍ତା ୧୫ ରୁ ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ, ଏକ ମହାନ ଉତ୍ସବର ଅନୁଭବ କରନ୍ତୁ ଯାହା ପରମ୍ପରା, ମନୋରଞ୍ଜନ ଏବଂ ସପିଂ କୁ ସୁନ୍ଦର ଭାବରେ ମିଶ୍ରଣ କରେ। ଏକ ଚିତାକର୍ଷକ ଲାଇଭ୍ ପ୍ରଦର୍ଶନ ସହିତ ଦୀପାବଳିର କାଳଜୟୀ କାହାଣୀରେ ନିଜକୁ ବୁଡ଼ାଇ ଦିଅନ୍ତୁ ଯାହା ଭଗବାନ ରାମଙ୍କ ବୀରତ୍ୱପୂର୍ଣ୍ଣ ଯାତ୍ରା, ସୀତାଙ୍କ କୃପା ଏବଂ ଅଯୋଧ୍ୟାକୁ ସେମାନଙ୍କର ବିଜୟୀ ପ୍ରତ୍ୟାବର୍ତକୁ ଦର୍ଶାଏ । ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି କାହାଣୀ କହିବାର ଏହି ଅଭିଜ୍ଞତା ଆପଣଙ୍କୁ ମନ୍ତ୍ରମୁଗ୍ଧ କରିଦେବ। ଆସନ୍ତା ୧୫ ରୁ ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସାଂସ୍କୃତିକ ଉତ୍ସବ ଏବଂ ଭାବପୂର୍ଣ୍ଣ ସନ୍ଧ୍ୟା ରାମାୟଣ ପ୍ରଦର୍ଶନ ବ୍ୟତୀତ, ଅନ୍ୟାନ ବହୁ ଉତ୍ସବ ଜାରି ରହିଛି: ଯେପରିକି ଗଜଲ ନାଇଟ୍ସ, ଆକର୍ଷଣୀୟ ସାଜସଜ୍ଜା - ସମଗ୍ର ମଲ୍ ଏକ ଜୀବନ୍ତ ଉତ୍ସବର ଆଶ୍ରୟସ୍ଥଳରେ ପରିଣତ ହେବ, ଯାହା ପରିବାର ଏବଂ ବନ୍ଧୁମାନଙ୍କ ପାଇଁ ଏକତ୍ର ପାଳନ କରିବା ପାଇଁ ଉପଯୁକ୍ତ । କାର୍ଟୁନ୍ ଚରିତ୍ର ସାକ୍ଷାତ ଏବଂ ଅଭିବାଦନ – ଛୋଟ ପିଲାମାନଙ୍କ ପାଇଁ ଏକ ମଜାଦାର ଖାଦ୍ୟ ! ଗୁଡିକର ବ୍ୟବସ୍ତା ମଧ୍ୟ ରହିଛି।

# ଓଡ଼ିଶା ଗସ୍ତରେ ହରିଆଣା ବିଧାନସଭାର ପ୍ରତିନିଧିମଣ୍ଡଳୀ



ଭୁବନେଶ୍ୱର,୧୬।୧୦ (ମହାଭାରତ): ହରିଆଣା ବିଧାନସଭାର ଶିକ୍ଷା, ବୈଷୟିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ମେଡ଼ିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବ୍‌ଜେକ୍ଟ କମିଟିର ଅଧ୍ୟକ୍ଷ ରାମ କୁମାର କାଶ୍ୟପଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ ସଦସ୍ୟଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ସଦସ୍ୟମାନେ ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି-୪ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି-୫ର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ଗଣେଶ୍ୱର ବେହେରା, ବଦ୍ରିନାରାୟଣ ପାତ୍ର, ରୂପେଶ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସେଠୀ, ଉମାଚରଣ ମଲ୍ଲିକ, ଡ. ଫକୀର ନାୟକ, ବିଜୟ କୁମାର ଦଳବେହେରା ଓ ଶ୍ରୀମତୀ ସୀମାରାଣୀ ନାୟକଙ୍କ ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ହରିଆଣାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସବ୍‌ଜେକ୍ଟ କମିଟିର ସଦସ୍ୟମାନେ ସେଠାକାର ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଭଲ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ସଦସ୍ୟମାନେ ମଧ୍ୟ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବହୁ ଅଭିନବ ଯୋଜନା ବାବଦରେ ସୂଚନା ଉପସ୍ଥାପନ କରିଥିଲେ। ଉଭୟ ରାଜ୍ୟ ଶିକ୍ଷା କ୍ଷେତ୍ରରେ ଲାଗୁ ହେଉଥିବା ଭଲ ଯୋଜନାସବୁକୁ ଆପଣାଇବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଇଣ୍ଡିଆ ମୋବାଇଲ କଂଗ୍ରେସରେ ସଫଳତା

ଭୁବନେଶ୍ୱର,୧୬।୧୦ (ମହାଭାରତ): ନିକଟରେ ନୂଆ ଦିଲ୍ଲୀରେ ଆୟୋଜିତ ହୋଇଯାଇଥିବା ୪-ଦିନିଆ ଇଣ୍ଡିଆ ମୋବାଇଲ କଂଗ୍ରେସ -୨୦୨୫ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଅଟଳ ଇନକ୍ୟୁବେସନ୍ ସେଂଟର (ଏଆଇସି)ରେ ପ୍ରସ୍ତୁତ ୩ଟି ଅଭିନବ ୫ଜି ପର୍ଯ୍ୟବେସିତ ଷ୍ଟାର୍ଟଅପ୍ ଉତ୍ପାଦ ଆକର୍ଷଣ ପାଲଟିଥିଲା। ନୂଆ ଦିଲ୍ଲୀ ସ୍ଥିତ ଯଶୋଭୂମି କନ୍‌ଭେସନ୍ ସେଂଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୧ ରେ ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆ ମୋବାଇଲ କଂଗ୍ରେସ୍‌ରେ ସୋଆ ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଥିବା ୩ଟି ମଡେଲ ସିଆସେନ୍ସ, ସାଇବରନାସ ଏବଂ ଭୂମିକେୟାର ଦର୍ଶକଙ୍କ ସମେତ ଶିଳ୍ପ, ପ୍ରଶାସନ, ଶିକ୍ଷା, ଷ୍ଟାର୍ଟଅପ୍ ଏବଂ ଗବେଷଣାଧର୍ମୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଯୋଗ ଦେଇଥିବା ପ୍ରତିନିଧିମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଭୂୟସୀ ପ୍ରଶଂସା ସାଉଁଟିଥିଲା।

ସିଆସେନ୍ସକୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ରେଣୁ ଶର୍ମା ପ୍ରସ୍ତୁତ କରିଥିବା ବେଳେ ଏଥିରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ ଇନ୍ଟରନେଟ ଅଫ୍ ଥିଙ୍ଗସ ବ୍ୟବହାର କରି ମନୁଷ୍ୟ ଏବଂ ବନ୍ୟଜନ୍ତୁଙ୍କ ମଧ୍ୟରେ ବାରମ୍ବାର



ଉପୁଜୁଥିବା ସଂଘାତକୁ ଟାଳିବା ନିମନ୍ତେ ବ୍ୟବସ୍ଥା ଅଛି। ଏହି ଡିଭାଇସରେ ଦୁଇ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି ଯାହାକି ମଣିଷ ଏବଂ ଫସଲକୁ ବନ୍ୟ ଜନ୍ତୁଙ୍କ ଠାରୁ ସୁରକ୍ଷା ଦେଇପାରିବ। ସେହିପରି ସାଇବରନାସ ଏବଂ ଭୂମିକେୟାର ମଡେଲକୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଡକ୍ଟର ଭାରତ ରଞ୍ଜନ ଜ୍ୟୋତି ସାହୁ ପ୍ରସ୍ତୁତ କରିଛନ୍ତି। ଏହା ଅତ୍ୟାଧୁନିକ ସାଇବର ସିକ୍ୟୁରିଟି ନିମନ୍ତେ ପ୍ରସ୍ତୁତ ହୋଇଛି ଯାହା ଡାଟା ସୁରକ୍ଷିତ ରଖିବାରେ ତଥା ତଦନ୍ତ କାର୍ଯ୍ୟରେ ସହାୟକ ହେବ। ସେହିପରି ଭୂମିକେୟାର ମଡେଲ ଦ୍ୱାରା କୃଷକମାନେ ନିଜ ଜମି ମୃତିକାର ଉର୍ବରତାକୁ ପରଖିବା ସହ ଏହା ସେମାନଙ୍କୁ ଉନ୍ନତ କୃଷି ନିମନ୍ତେ ସୂଚନା ପ୍ରଦାନ କରିବାରେ ସହାୟକ ହେବ। ଗବେଷଣା ଏବଂ ବୈଷୟିକ ଉଦ୍ୟୋଗିକରଣକୁ ସୋଆ ବିଶ୍ୱବିଦ୍ୟାଳୟ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ ଏହି ୩ଟି ଉଦ୍‌ଭାବନ ସୋଆ ଏଆଇସିର ୫ଜି ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇଛି। ଇଣ୍ଡିଆ ମୋବାଇଲ କଂଗ୍ରେସ୍ ୨୦୨୫ରେ ପ୍ରଦର୍ଶିତ ହୋଇଥିବା ସୋଆ ଷ୍ଟଲ୍‌କୁ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିବା ସହ ଗବେଷଣା କ୍ଷେତ୍ରରେ ସୋଆର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ସୋଆର ଷ୍ଟଲ୍‌କୁ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି ସୀତାରାମ, ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗୀୟ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ୟୁଏସ୍ଏ ସ୍ଥିତ ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟର ୫ଜି ଚିପ୍ ଷ୍ଟ୍ରାଟେଜିଷ୍ଟ ପ୍ରଫେସର ଆଶୁତୋଷ ଦତ, ନ୍ୟାସନାଲ୍ କ୍ୱାଂଟମ୍ ମିଶନ, ଡିଏସ୍‌ଟିର ମିଶନ ଡାଇରେକ୍ଟର ଡକ୍ଟର ଜେ.ବି.ଭି ରେଡ୍ଡୀ, ଟେଲିକମ୍ ସେଂଟର ଅଫ୍ ଏକ୍ସିଲେନ୍ସ (ଟିସିଓଇ)ର ସିଇଓ ଡକ୍ଟର ରାକେଶ ଶର୍ମା ଏବଂ ଟାଲ୍‌ଗୋର ଏମ୍‌ଡି ସୁବ୍ରତ ନାଥ ପରିଦର୍ଶନ କରିଥିଲେ। ଏହି ପରିଦର୍ଶକଗଣ ସୋଆର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ପ୍ରଫେସର ମଲ୍ଲିକ ଉଲ୍ଲେଖ କରିଥିଲେ ଯେ ସୋଆ ଗତ ୩ ବର୍ଷ ହେବ ଇଣ୍ଡିଆ ମୋବାଇଲ କଂଗ୍ରେସରେ ଭାଗ ନେଉଛି। ଏହି ପ୍ଲାଟଫର୍ମ ଦ୍ୱାରା ତୃଣମୂଳ ସ୍ତରରେ ଉଦ୍‌ଭାବନ ଓ ଗବେଷଣାକୁ ପ୍ରୋତ୍ସାହନ ମିଳୁଛି ବୋଲି ସେ କହିଥିଲେ।

# କୋଟକ ସିକ୍ୟୁରିଟିଜ୍ ଶ୍ରେଷ୍ଠ ପସନ୍ଦର ଷ୍ଟକ ପ୍ରକାଶ

ଭୁବନେଶ୍ୱର,୧୬।୧୦ (ମହାଭାରତ): ଭାରତର ଅନ୍ୟତମ ଅଗ୍ରଣୀ ବ୍ରୋକରେଜ ସଂସ୍ଥା କୋଟକ ସିକ୍ୟୁରିଟିଜ ଦୀପାବଳି-ସମ୍ବତ ୨୦୮୨ରେ ମହୁରତ ଟ୍ରେଡିଂ ନିମନ୍ତେ ଶ୍ରେଷ୍ଠ ପସନ୍ଦର ଷ୍ଟକ୍‌ଗୁଡିକ ପ୍ରକାଶ କରିଛି। ଭାରତୀୟ ବଜାର ସମ୍ବତ ୨୦୮୧ରେ ନିଷ୍ପ୍ରଭ ରହିବା ସହିତ ବିଶ୍ୱସ୍ତରରେ ସମକକ୍ଷଙ୍କ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ କରିଥିଲା। ଏହା ପଛରେ ମୁଖ୍ୟ କାରଣ ଉପାର୍ଜନ କ୍ଷେତ୍ରରେ ଦୁର୍ବଳତା ଏବଂ ଟାରିଫ୍‌କୁ ନେଇ ଅନିଶ୍ଚିତତା ରହିଥିବାବେଳେ ତାହାସହିତ ଏକାଧିକ ଭୂରାଜନୈତିକ ଏବଂ ବୃହତ ପ୍ରତିକୂଳ ପରିସ୍ଥିତିର ପ୍ରଭାବ ପଡିଥିଲା। ୨୦୨୫ ମାର୍ଚ୍ଚରେ ନିଫ୍‌ଟି ୨୧୭୫୦ ଭଳି ନିମ୍ନ ସ୍ତରରେ ପହଞ୍ଚିଥିବାବେଳେ ବିଏସ୍‌ଇ ସେନ୍‌ସେକ୍ସ ୭୧୫୦୦ ନିମ୍ନକୁ ଖସି ଆସିଥିଲା ଏବଂ ଉଭୟ ବେଞ୍ଚମାର୍କ ସୂଚକାଙ୍କଗୁଡିକ ସମ୍ବତ ୨୦୮୧ରେ ପ୍ରତ୍ୟେକ ପ୍ରାୟ ୧.୫% ହ୍ରାସର ସମ୍ମୁଖୀନ ହୋଇଥିଲେ। ନିଫ୍‌ଟି ମିଡ୍ କ୍ୟାପ ଏବଂ ସ୍ମଲକ୍ୟାପ୍ ସୂଚକାଙ୍କ ନିମ୍ନ ମାନର ପ୍ରଦର୍ଶନ କରିବା ସହିତ ଯଥାକ୍ରମେ ଯ୫.୬% ଏବଂ ଯ୫.୪% କ୍ଷତି ସହିଥିଲେ। ଭୂରାଜନୈତିକ ଉତ୍ତେଜନାଗୁଡିକର ସମାଧାନ କରିବା, ବୈଶ୍ୱିକ ଏବଂ ଘରୋଇ ମୁଦ୍ରାସ୍ଫୀତିକୁ ହ୍ରାସ କରିବା, ଅଶୋଧିତ ତୈଳ ମୂଲ୍ୟ ହ୍ରାସ, ଆରବିଆଇ ଏବଂ ଫେଡ୍ ଦ୍ୱାରା ସୁଧହାର କାଟ କରାଯିବା, ଜିଏସ୍‌ଟିରେ ସଂଗତିକରଣ, ଆୟକର ସ୍ଲାବ୍‌ରେ ବୃଦ୍ଧି ଏବଂ ଭାରତ ସରକାରଙ୍କ ଦ୍ୱାରା ବିବିଧ ଟାରିଫ ରାଜିନାମାରେ ପ୍ରଗତି ଦ୍ୱାରା ବୈଶ୍ୱିକ ସମୁଦାୟଙ୍କ ଦ୍ୱାରା ପ୍ରୟାସ ସତ୍ତ୍ୱେ ଭାରତୀୟ ବଜାରର ନିମ୍ନମୁଖୀ ଗତି ଏବଂ ନିମ୍ନ ପ୍ରଦର୍ଶନ ଚକିତ କରିବା ଭଳି ହୋଇଥିଲା। ଏଫଆଇଆଇଗୁଡିକର ୨୭.୩ ବିଲିଅନ ଡଲାର (ଅଥବା ୨.୪ ଲକ୍ଷ କୋଟି ଟଙ୍କା) ପରିମାଣର ଭାରି ବିକ୍ରି କାରଣରୁ ଷ୍ଟକ ବଜାରରେ ନିମ୍ନମୁଖୀ ଗତି ପରିଲକ୍ଷିତ ହୋଇଥିଲା।

# ରତ୍ନଭଣ୍ଡାର ଗଣତି ମଣତି ପ୍ରତିଶ୍ରୁତି କୁଆଡ଼େ ଗଲା ?

ଭୁବନେଶ୍ୱର,୧୬।୧୦ (ମହାଭାରତ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲି ଯାଇଛି ଏବଂ ଏନେଇ ରାଜ୍ୟ ବିଜେପି ସରକାରର ଉଦ୍ଦେଶ୍ୟ ମନ୍ଦ ବୋଲି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି। ଶ୍ରୀ ଖୁଣ୍ଟିଆ କହିଥିଲେ ଯେ, ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତି ମଣତି ନେଇ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ବିଭିନ୍ନ ଅପପ୍ରଚାର କରିଥିଲା ରାଜ୍ୟ ବିଜେପି, କିନ୍ତୁ ବିଭିନ୍ନ ଆଳ ଦେଖାଇ ଆଜିଯାଏଁ ସରକାର ଗଣତି ମଣତି କରିପାରି ନାହାନ୍ତି। ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ, ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର ଏଏସ୍ଆଇକୁ ମରାମତି ପାଇଁ ଅନୁମତି ପ୍ରଦାନ କରିଥିଲେ। ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତି ମଣତି ପାଇଁ ପଦକ୍ଷେପ ନେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ, କିନ୍ତୁ ଏଯାଏଁ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତି ମଣତି ପାଇଁ କୌଣସି କାର୍ଯ୍ୟ କରିନାହାନ୍ତି। ଯେହେତୁ ସ୍ୱଚ୍ଛତାର ସହ ଏହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ।

# ଭାରତରେ ବିକ୍ରୟ ହେବ ସାମସଙ୍ଗ ଗାଲାକ୍ସି ଏମ୧୭ ୫ଜି

ଭୁବନେଶ୍ୱର,୧୬।୧୦ (ମହାଭାରତ): ସାମସଙ୍ଗ ଆଜି ଘୋଷଣା କରିଛି ଯେ ଭାରତରେ ରହିଥିବା ଗ୍ରାହକମାନେ ସଦ୍ୟ ଶୁଭାରମ୍ଭ ହୋଇଥିବା ଗାଲାକ୍ସି ଏମ୧୭ ୫ଜି କ୍ରୟ କରିପାରିବେ ଯାହା ଆଜିଠାରୁ ଆରମ୍ଭ ହେଉଛି। ଗାଲାକ୍ସି ଏମ୧୭ ୫ଜି ଏହାର ୪/୧୨୮ ଜିବି ପ୍ରକାର ଭେଦ ପାଇଁ ଆମାଜନ, ସାମସଙ୍ଗ ଡ଼ଟ କମ୍ ତଥା କିଛି ବଛା ବଛା ଖୁଚୁରା ଷ୍ଟୋର ମାନଙ୍କ ଜରିଆରେ ଉପଲବ୍ଧ ହେବ ଯାହାର ମୂଲ୍ୟ ୧୨୪୯୯ ଟଙ୍କା ରହିଛି। ସେହିପରି ୬/୧୨୮ଜିବି ଏବଂ ୮/୧୨୮ଜିବିର ପ୍ରକାର ଭେଦ ଯଥାକ୍ରମେ ୧୩୯୯୯ ଟଙ୍କା ଏବଂ ୧୫୪୯୯ ଟଙ୍କାରେ ଉପଲବ୍ଧ ହେବ। ଗ୍ରାହକମାନେ ମଧ୍ୟ କିଛି ସରଳ ଇଏମଆଇ ଅଫରରେ ଏହା ପାଇପାରିବେ ଅର୍ଥାତ୍ ୩ ମାସ ପାଇଁ ଏଥିରେ କୌଣସି ଇଏମଆଇର ଆବଶ୍ୟକ ହେବ ନାହିଁ ଯାହାକି ସମସ୍ତ ଅଗ୍ରଣୀ ବ୍ୟାଙ୍କ/ ଏନବିଏଫସି ସହଯୋଗୀଙ୍କ ଜରିଆରେ ମିଳିପାରିବ। ଗାଲାକ୍ସି ଏମ୧୬ ୫ଜିର ସଫଳତା ଉପରେ ହିଁ ଏମ୧୭ ୫ଜି ପ୍ରସ୍ତୁତ ହୋଇଛି ଯାହାକି ଭାରତରେ ଏକ ସବୁଠାରୁ ଉତ୍କୃଷ୍ଟ ବିକ୍ରୟ ହେଉଥିବା ସ୍ମାର୍ଟଫୋନ ଏବଂ ସାମସଙ୍ଗର ରହିଥିବା ଏଆଇ ନବୀନତମର ଜ୍ଞାନକୌଶଳ ପ୍ରଦାନକାରୀତାର ବଂଶାନୁକ୍ରମିକତା ତଥା ଏହା ବିସ୍ତୃତ ଭାବରେ ଦର୍ଶକ ମାନଙ୍କ ପାଇଁ ଉଦ୍ଦିଷ୍ଟ। ୧୦,୦୦୦-୧୫,୦୦୦ ଟଙ୍କାର ସେଗମେଂଟରେ ଏହା 'ନୋ ସେକ୍ କ୍ୟାମେରା' ସହିତ ଆସିଛି, ଯେଉଁଥିରେ ୫୦ଏମପି ଓଆଇଏସ ଟ୍ରିପଲ କ୍ୟାମେରା ପ୍ରଣାଳୀ ରହିଛି ଯାହାକି ଛାଇ-ଆଲୁଅ ମୁକ୍ତ ଛବି ଧରି ରଖିବା ସହିତ ହଲଚଲ-ମୁକ୍ତ ଭିଡ଼ିଓ ପ୍ରଦାନ କରିଥାଏ। ବହୁବିଧ ଟ୍ରିପୁଲ-ଲେନଓ ବ୍ୟବସ୍ଥିତତା-ଯାହା ମଧ୍ୟରେ ରହିଛି ଅଲଟ୍ରା-ଚଉଡ଼ା ଯୁକ୍ତ କ୍ୟାମେରା ଏବଂ ମାକ୍ରୋ କ୍ୟାମେରା-ଯାହା ପ୍ରତ୍ୟେକ ଦୃଶ୍ୟ ପାଇଁ ନମନୀୟକାରୀ ଫ୍ରେମ ପ୍ରଦାନ କରିଥାଏ। ଗାଲାକ୍ସି ଏମ୧୭ ୫ଜି ଏକ ଦୃଢ଼ ସେଲଫି ଉତୋଳନ ନିମନ୍ତେ ସେଗମେଂଟ-ଅଗ୍ରଣୀ ୧୩ ଏମପି ଉଚ୍ଚ ରିଜୋଲୁସନ ଯୁକ୍ତ ସମ୍ମୁଖ ଭାଗ କ୍ୟାମେରା ସହିତ ଆସିଅଛି।

# ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ବୈଠକ

ଭୁବନେଶ୍ୱର,୧୬।୧୦ (ମହାଭାରତ): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧିନସ୍ଥ ସମସ୍ତ ଯୋଜନା ଓ ପ୍ରକଳ୍ପ ଗୁଡିକ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ଠିକ ସମୟରେ କାର୍ଯ୍ୟ ସମାପ୍ତ କରିବା ପାଇଁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ପାଇଁ ଦିଆ ଯାଇଥିବା ଅନୁଦାନର ସୁବିନିଯୋଗ ଜରୁରୀ ଅଟେ । ସେହିପରି ବିଭାଗର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ। ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଆର.ଏ.ସି.ପି, ଏମ.ଏ.ସି.ପି., ପେନସନ ଓ ଶୃଙ୍ଖଳାଗତ ପ୍ରକ୍ରିୟା ଉପରେ ମଧ ବିଭାଗ ବିଶେଷ ଭାବେ ଧ୍ୟାନ ଦେବା ଆବଶ୍ୟକ । ଭିଜିଲାନ୍ସ ଓ ଅଦାଲତ ସମ୍ବନ୍ଧିୟ କେଶ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ସହିତ ବାକିଥିବା ପେନସନ କେଶ ଗୁଡିକୁ ଚଳିତ ମାସ ଶେଷ ସୁଧା ଫଇସଲା ପାଇଁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ଡାଇଭର୍ସନ ପ୍ରସ୍ତାବକାର୍ଯ୍ୟକାରୀ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାରୀ ପ୍ରକଳ୍ପ, ଜାତୀୟ ରାଜପଥ, ରେଳ, ଶିଳ୍ପ ଏବଂ ଘରୋଇ ମେଗା ପ୍ରକଳ୍ପ ଗୁଡିକରେ ପ୍ରାଥମିକତା ଭିତ୍ତିରେ ଡାଇଭର୍ସନ ପ୍ରସ୍ତାବଗୁଡ଼ିକର ମଞ୍ଜୁରୀ ଏବଂ ତତସହିତ ଜଡିତ ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ତ୍ୱରିତ ଅନୁମୋଦନ କରାଯିବା ଦରକାର। ଏଥିନିମିତ୍ତ ସେ ଅଧିକାରୀ ମାନଙ୍କୁ ଏହାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ କହିଲେ ଯେ ମେଡିସିନାଲ ପ୍ଲାଣ୍ଟ ବୋର୍ଡର ଉତ୍ପାଦଗୁଡିକୁ ଛତିଶଗଡ଼ ଶୈଳୀରେ ବ୍ରାଣ୍ଡିଙ୍ଗ ଏବଂ ବିପଣନ (ମାର୍କେଟିଂ) କରାଯିବ। ଫରେଷ୍ଟ ଏକାଡେମୀର କାର୍ଯ୍ୟକ୍ଷମ ତଥା ଏହାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟଙ୍କୁ ସ୍ଥଳ ପରିଦର୍ଶନ କରି ଆନୁସଙ୍ଗିକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କହିଥିଲେ। 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଅଧିନରେ ଜାରି ହୋଇଥିବା ମାର୍ଗଦର୍ଶିକା ଏବଂ ଏହାର ଅଗ୍ରଗତି ଓ ସମୀକ୍ଷା ନେଇ ଆସନ୍ତା ୧୭ ତାରିଖରେ ଏକ ଆଭାସି ବୈଠକ ଆୟୋଜନ ନେଇ ଅଧିକାରୀଙ୍କୁ କହିଥିଲେ।

# ଲାଲୁଙ୍କ ଦୁର୍ନୀତି

ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ ବିରୋଧୀ ମହାମେଣ୍ଟ ମଧ୍ୟରେ ସଜବାଜ ହେଉଛନ୍ତି। ଶୀଘ୍ର ଉଭୟ ମେଣ୍ଟର ଅଂଶୀଦାର ଦଳ ମଧ୍ୟରେ ଆସନ ବଣ୍ଟନ ହୋଇଯିବ ବୋଲି ଆଶା କରାଯାଉଛି। କଂଗ୍ରେସ, ଆରଜେଡି ଓ ସିପିଆଇଏମଏଲ ତଥା ଅନ୍ୟ କେତେକ ଛୋଟ ଛୋଟ ଦଳକୁ ନେଇ ଗଠିତ ମହାମେଣ୍ଟର ଅଂଶୀଦାର ଦଳ ମଧ୍ୟରେ ଆସନ ବୁଝାମଣା ଅପେକ୍ଷାକୃତ ସହଜ ମନେ ହେଉଛି। କିନ୍ତୁ ଶାସକ ଏନଡିଏରେ ଆସନ ବୁଝାମଣା ଟିକେ କଷ୍ଟକର ମନେ ହେଉଛି। ବିଜେପି ଓ ନୀତିଶ କୁମାରଙ୍କ ଜେଡିୟୁ ମଧ୍ୟରେ ଆସନ ବଣ୍ଟନ ନେଇ କିଛି ଅସୁବିଧା ନାହିଁ। କିନ୍ତୁ ଅନ୍ୟ ଦୁଇ ଅଂଶୀଦାର ଦଳ ଚିରାଗ ପାଶ୍ୱାନଙ୍କ ଏଲଜେପି (ରାମ ବିଳାଶ ପାଶ୍ୱାନ) ଏବଂ ଜିତନ ରାମ ମାନଝୀଙ୍କ ଦଳ ହିନ୍ଦୁସ୍ତାନ ଆୱାମ ପାର୍ଟି ସହ ଆସନ ବୁଝାମଣା ନେଇ ସମସ୍ୟା ରହିଛି। ଚିରାଗ ପାଶ୍ୱାନ ତାଙ୍କ ଦଳ ପାଇଁ ୪୫ ଆସନ ଦାବି କରୁଥିବା ବେଳେ ବିଜେପି ଏହାକୁ ୨୦ଟି ଆସନ ଛାଡ଼ିବାକୁ ପ୍ରସ୍ତୁତ ଅଛି। ଏହା ଅତି ବେଶୀରେ ବଢ଼ି ବଢ଼ି ୨୫ ପର୍ଯ୍ୟନ୍ତ ଯାଇପାରେ। ଯଦି ଚିରାଗ ଏଥିରେ ସନ୍ତୁଷ୍ଟ ନହୋଇ ମେଣ୍ଟରୁ ଓହରିଯାଆନ୍ତି ତେବେ ଏହା ଏନଡିଏ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଗତ ଥର ଚିରାଗ ଜେଡିୟୁ ବିରୋଧରେ ସବୁ ଆସନରେ ପ୍ରାର୍ଥୀ ଦେବା ଫଳରେ ଏହା ଅତି କମରେ ୩୦ ଆସନ ହରାଇଥିଲା। ଯାହା ବି ହେଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହ ଏଥିରେ ହସ୍ତକ୍ଷେପ କରିବେ ଏବଂ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା। ଏଥର ବିହାର ନିର୍ବାଚନ ଜିତିବା କିନ୍ତୁ ନୀତିଶଙ୍କ ପାଇଁ କଷ୍ଟକର ମନେ ହେଉଛି। କାରଣ ସେ ଦୀର୍ଘ ବର୍ଷ ହେବ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ତାଙ୍କ ଭାବମୂର୍ତ୍ତୀ ଭଲ ଅଛି ଏବଂ ଲୋକେ ତାଙ୍କ ଶାସନରେ ସନ୍ତୁଷ୍ଟ ସତ, ମାତ୍ର ତାଙ୍କୁ ପରିବର୍ତ୍ତନର ହାୱା ବିରୋଧରେ ଲଢ଼ିବାକୁ ପଡ଼ିବ। ତାଙ୍କର ସବୁଠାରୁ ବଡ଼ ସାହସ ହେଲା କେନ୍ଦ୍ରରେ କ୍ଷମତାସୀନ ସରକାର ତାଙ୍କ ସପକ୍ଷରେ ରହିଛି। ମୋଦି ସରକାର ଗତ ବର୍ଷକ ଭିତରେ ବିହାର ପାଇଁ ଅନେକ ପ୍ରକଳ୍ପ ଏବଂ ବିଭିନ୍ନ ଯୋଜନା ବାବଦରେ ବିପୁଳ ଅର୍ଥ ମଞ୍ଜୁର କରିଛନ୍ତି। ଏହା ସହିତ ନୀତିଶ ମହିଳା ଭୋଟରଙ୍କୁ ହାତଇେବା ନିମନ୍ତେ ୭୫ ଲକ୍ଷ ମହିଳାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେକାଏଁ ପଠାଇଛନ୍ତି। ତେବେ ଆସନ୍ତା ନିର୍ବାଚନରେ ବିହାରର ସାମଗ୍ରୀ ବିକାଶକୁ ଏନଡିଏ ମୁଖ୍ୟ ପ୍ରସଙ୍ଗ କରିବ। ଅନ୍ୟ ପକ୍ଷରେ କଂଗ୍ରେସ-ଆରଜେଡି ମେଣ୍ଟ ରାଜ୍ୟରେ ସଂଖ୍ୟାଲଘୁ ଦଳିତ ଭୋଟ ବ୍ୟାଙ୍କ ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାରି ହେବାକୁ ଲକ୍ଷ୍ୟ ରକିଛନ୍ତି। ସଂକ୍ୟାଲଘୁ ଭୋଟର ଏକ ବଡ଼ ଅଂଶ ମହାମେଣ୍ଟ ସପକ୍ଷରେ ଯିବା ସୁନିଶ୍ଚିତ। କିନ୍ତୁ ଦଳିତ ଭୋଟକୁ ହାତେଇବା ପାଇଁ ଏନଡିଏ ଏବଂ ମହାମେଣ୍ଟ ମଧ୍ୟରେ ମୁକାବିଲା ଯୋରଦାର ହେବ। ଜାତିଗତ ରାଜନୀତି ପାଇଁ କୁଖ୍ୟାତ ବିହାରରେ ଦଳିତ ଓ ପଛୁଆ ବର୍ଗ ପୂର୍ବରୁ କଂଗ୍ରେସ ସପକ୍ଷରେ ଭୋଟ ଦେଉଥିଲେ। କିନ୍ତୁ ନବେ ଦଶକରୁ ଏହା ଲାଲୁଙ୍କ ପଛରେ ରହିଛନ୍ତି। ଏଥର ନିର୍ବାଚନରେ ଆରଜେଡି ଲାଲୁଙ୍କ ଦଳିତ ଭୋଟ ବ୍ୟାଙ୍କ ଉପରେ ପୁନର୍ବାର ନିର୍ଭର କରୁଛି। ଏହା କେତେଦୂର ସଫଳ ହେବ ତାହା କୁହାଯାଇପାରିବ ନାହିଁ। କିନ୍ତୁ ବିହାର ନିର୍ବାଚନରେ ଏହା ଏକ ବଡ଼ ପ୍ରସଙ୍ଗ ହେବ। ଅନ୍ୟ ପକ୍ଷରେ ଲାଲୁଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ମଧ୍ୟ ରହିଛି। ଏହାକୁ ଏନଡିଏ ସବୁଥର ଭଳି ଅସ୍ତ୍ର କରିବ। ତେଣୁ ଆଗାମୀ ନିର୍ବାଚନରେ ବିହାରରେ ବିକାଶ ବନାମ ଜାତିଗତ ରାଜନୀତି ମଧ୍ୟରେ ମୁକାବିଲା ହେବ ସେଥିରେ ସନ୍ଦେହ ନାହିଁ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

*ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିଙ୍କୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**

# ପିକା ଡିଜଅର୍ଡ଼ର

**॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ଆପଣଙ୍କ ପିଲାଟି ତାର ବୟସ ବୃଦ୍ଧି ସହ ମାଟି, ଚକଖଡ଼ି ବା ତା ହାତରେ ଯାହା ପଡୁଛି ସେ ଏହାକୁ ପାଟିରେ ପୁରାଉଛି କି ? ପ୍ରାୟତଃ ମାଟି ଖାଇବାର ଅଭ୍ୟାସକୁ ପିଲାମାନଙ୍କ ଇଟିଙ୍ଗ ଡିଜଅର୍ଡ଼ର ବା ପିକା ଡିଜଅର୍ଡ଼ର କୁହାଯାଇଥାଏ। ପ୍ରାୟତଃ ଛୋଟ ପିଲା ଓ ଗର୍ଭବତୀ ମହିଳା ମାଟି କିମ୍ବା ଚକ ଖାଇବାକୁ ଭଲ ପାଆନ୍ତି। ଶରୀରରେ ବ୍ଲଡ଼, ଆଇରନ, ଜିଙ୍କ ସମେତ ଅନ୍ୟାନ୍ୟ ପୋଷାକ ତତ୍ତ୍ୱର ଅଭାବ ଦେଖାଗଲେ ଗର୍ଭବତୀମାନେ ମଧ୍ୟ ଏପରି ବ୍ୟବହାର କରିଥାନ୍ତି। ହେଲେ ପ୍ରାୟ ସମୟ ମାଟି ଖାଇବାର ଲଗାତର ଏହି ଅଭ୍ୟାସ ଇଟିଙ୍ଗ ଡିଜଅର୍ଡ଼ର ପ୍ରମୁଖ କାରଣ ହୋଇପାରେ। ଏହି ଅଭ୍ୟାସକୁ ଡାକ୍ତରୀ ଭାଷାରେ ପିକା ଡିଜଅର୍ଡ଼ର କୁହାଯାଏ। ତେବେ ପରବର୍ତ୍ତୀ ସମୟରେ ପିଲାଟିର ପେଟ ସମସ୍ୟା ଅଧିକ ଭାବରେ ଦେଖାଦେଇଥାଏ, ଯାହାର ପ୍ରଭାବରେ ପିଲାଟିର ଶାରୀରିକ ଅଭିବୃଦ୍ଧି ବାଧକ ପ୍ରାପ୍ତ ମଧ୍ୟ ହୋଇଥାଏ ଏବଂ ତାକୁ ସଠିକ ସମୟରେ ଭୋକ ଲାଗିନଥାଏ, ଖାଦ୍ୟ ହଜମ ହୋଇନଥାଏ ଏବଂ କେତେକ କ୍ଷେତ୍ରରେ ପେଟ ମଧ୍ୟ ଫୁଲିଯାଏ।

ପିକା ଡ଼ିଜଅର୍ଡ଼ର ଯୋଗୁ ପିଲାଟିର ଅନ୍ତଃନଳୀରେ କୃମି ସହ ଅନ୍ୟାନ୍ୟ ବାହାର ବ୍ୟାକ୍ଟେରିଆ ବଢ଼ିଯାଅନ୍ତି ଯାହାଫଳରେ ପିଲାଟିର ଭୋକ କମିଯାଏ ଓ ସେ ଅସହ୍ୟ ପେଟ ଯନ୍ତ୍ରଣା ସହ ପେଟ ଫୁଲିବା ମଧ୍ୟ ଦେଖାଦେଇଥାଏ। ମାଟି, ଚକ ବ୍ୟତୀତ ଏହି ରୋଗରେ ପୀଡ଼ିତ ପିଲାଟି ଘରର ଏପରି କିଛି ଜିନିଷ ଯାହାକି ତାହା ହାତପାହାନ୍ତାରେ ପଡ଼ିଥାଏ ଯଥା ଅଠା ହେଉ ବା କାଗଜପତ୍ର, ସାବୁନ ହେଉ ବା କେଶ, ପିନକଣ୍ଟା, ସିଗାରେଟ ଓ ନିଜ ନଖ ମଧ୍ୟ କାମୁଡ଼ନ୍ତି। ବିଶେଷକରି ଛଅ ବର୍ଷର ପିଲାଙ୍କ ଠାରେ ଏହି ରୋଗ ଅଧିକ ଦେଖାଦିଏ। ଏହାସହ କୌଣସି ମାନସିକ ରୋଗରେ ଆକ୍ରାନ୍ତ ଥିବା ଅଟିଜିମ ସ୍ପେକ୍ଟ୍ରମ, ସିଜୋଫ୍ରେନିଆ, ଇଣ୍ଟେଲେକ୍ଚୁଆଲ ଡିଜାବିଲିଟି ସମସ୍ୟା ଥିଲେ ସେମାନଙ୍କର ଏହି ଅଭ୍ୟାସ ମଧ୍ୟ ଦେଖାଯାଏ। ଏହାର ପ୍ରମୁଖ ଲକ୍ଷଣରେ ପିଲାଟିର ପେଟ ସାମାନ୍ୟ ଯନ୍ତ୍ରଣାରୁ ଆରମ୍ଭ ହୋଇ ପରେ ଏହି ଯନ୍ତ୍ରଣା ଅତ୍ୟଧିକ ହୋଇଥାଏ ଏବଂ ପିଲାଟି ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼େ। ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରେ, ଲଗାତାର କାଶ ହୁଏ, ପିଲାଟିର ଭୋକ କମିଯାଏ ଏବଂ ଖାଦ୍ୟ ପ୍ରତି ତାର ଏକ ପ୍ରକାର ଘୃଣା ଭାବ ଦେଖାଯାଏ। କେତେକ କ୍ଷେତ୍ରରେ ପିଲାଟିର କୁଣ୍ଡିଆ ସମସ୍ୟା ମଧ୍ୟ ଦେଖାଦିଏ। ଏହି ରୋଗ ଥିଲେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଶିଶୁରୋଗ ବିଶେଷଜ୍ଞ ଉପଯୁକ୍ତ ମନେକଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ଦରକାର ପଡ଼ିଥାଏ।

ପ୍ରାଥମିକ ଅବସ୍ଥାରୁ ପିଲାଟି ଠାରେ ଏହି ରୋଗର ଲକ୍ଷଣ ପ୍ରାୟତଃ ଜଣାପଡ଼ିନଥାଏ। ତେବେ ପିଲାଟିର ରକ୍ତ ପରୀକ୍ଷା, ୟୁରିନ ପରୀକ୍ଷା, ଷ୍ଟୁଲ ପରୀକ୍ଷା ଓ ଏକ୍ସରେ ରିପୋର୍ଟକୁ ଅନୁଧ୍ୟାନ କଲାପରେ ଡାକ୍ତର ଏହାର ଚିକିତ୍ସା ଆରମ୍ଭ କରିଥାନ୍ତି। କେତେକ କ୍ଷେତ୍ରରେ ଶିଶୁରୋଗ ବିଶେଷଜ୍ଞ ପିଲାଟିକୁ ଆଇରନଯୁକ୍ତ ଫଳ ଓ ପରିବା ଖାଇବା ଲାଗି ପରାମର୍ଶ ଦେଇଥାନ୍ତି। ପିଲାଟିକୁ ଶାଗ, ଡାଲି, କଦଳୀ, କଖାରୁମଞ୍ଜି, ଆଲମଣ୍ଡ, ମଟର, ଅଣ୍ଡା, ତରଭୁଜ ଆଦି ଖାଇବାକୁ ଦିଅନ୍ତି। ପାଚିଲା କଦଳୀ ମଧ୍ୟ ପିଲାଟିକୁ ଦିଅନ୍ତି। ଏଥିରେ ପ୍ରଚୁର ଆଇରନ ଓ ଫାଇବର ରହିଥାଏ। ଏହା ପିଲାଟିର ପେଟ ପୂରଣ କରିବା ସହ ପେଟ ଜ୍ୱଳନ ହ୍ରାସ କରିଥାଏ।

ପିଲାମାନେ ପିକା ଡିଜଅର୍ଡ଼ର ସମସ୍ୟାର ସମ୍ମୁଖୀନ ହେଲେ ଏହାକୁ ନେଇ ସେପରି ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ଅବସ୍ଥାରୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଆରୋଗ୍ୟ ସାଧ ହୋଇପାରିବ। ଏହା ସେପରି ଏକ ବଡ଼ ରୋଗ ମଧ୍ୟ ନୁହେଁ। ତେବେ ପିଲାଟି ଆପଣଙ୍କ ଘରେ ଛୋଟ ପିଲା ଚଳପ୍ରଚଳ କରୁଥିଲେ ପିଲାଟିର ପରିବେଶକୁ ସଫାସୁତୁରା ଓ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘରର ହାତ ପାହାନ୍ତାର ଛୋଟମୋଟ ଜିନିଷ ଏଣେତେଣେ ପକାନ୍ତୁ ନାହିଁ। ଘରେ କୌଣସି ମାଟି ଜାତୀୟ ଜିନିଷ ବା ବିଷାକ୍ତ ପଦାର୍ଥ, ପୁରୁଣା ଔଷଧ ବା କୀଟନାଶକ ଔଷଧ ବା କୌଣସି ବିଷାକ୍ତ ପଦାର୍ଥ ପିଲାଟିର ହାତ ପାହାନ୍ତାରେ ରଖନ୍ତୁ ନାହିଁ। ପିଲାଟିକୁ ଚାଲିବା ବୁଲିବା ବେଳେ ପରିବାର ଲୋକ ନିଜ ନଜରରେ ରଖନ୍ତୁ। କାରଣ ପିଲାଟି ମାଟି ବଦଳରେ କୌଣସି ବିଷାକ୍ତ ଜିନିଷର ସଂସ୍ପର୍ଶରେ ଚାଲିଆସିଲେ ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ପିଲାଟି ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। ପିଲାଟି ଯେପରି ସଠିକ ସମୟରେ ଖାଇବ ଓ ବିଶ୍ରାମ ନେବ ଏହା ସହ ତାର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିବ ସେ ଦିଗକୁ ଦେଖନ୍ତୁ। ପିଲାଟିକୁ ନିୟମିତ ବ୍ୟବଧାନରେ ଖାଇବାକୁ ଦିଅନ୍ତୁ। ହାତ ତିଆରି ଘରୋଇ ଖାଦ୍ୟ ସବୁଠାରୁ ଭଲ, ସୁଷମ ଖାଦ୍ୟ, ସବୁଜ ପନିପରିବାର, ଫଳ ତାକୁ ଦିଅନ୍ତୁ। ସିଝାପାଣି ପିଇବାକୁ ଦେବା ସହ ସେ କାରବାର କରୁଥିବା ଘର ଭିତରକୁ ଯେପରି ମୁକ୍ତ ପବନ ଓ ଆଲୋକ ଆସୁଥିବ ସେ ଦିଗକୁ ଦେଖନ୍ତୁ। ପିଲାଟିର ଶାରୀରିକ ପୋଷଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପିଲାଟି ଭୋକିଲା ରହିଲେ ଏଣେତେଣେ ବାହାର ଜିନିଷ ପାଟିରେ ପୁରାଇବାର ଅଭ୍ୟାସ ରଖିବ ତେଣୁ ଏ କ୍ଷେତ୍ରରେ ମାଆ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପିଲାଟିକୁ ନିୟମିତ ସମୟ ବ୍ୟବଧାନରେ ଖାଇବାକୁ ଦିଅନ୍ତୁ। ପିଲାଟିକୁ କମ ଖାଇବାକୁ ଦିଅନ୍ତୁ ନାହିଁ କିମ୍ବା ଆବଶ୍ୟକତା ଠାରୁ ଅଧିକ ଖାଇବାକୁ ମଧ୍ୟ ଦିଅନ୍ତୁ ନାହିଁ। ପିଲାଟିକୁ ସବୁବେଳେ ସଫା ସୁତୁରା ଡ୍ରେସ ପିନ୍ଧିବାକୁ ଦିଅନ୍ତୁ ଏବଂ ଫୁଟାପାଣିକୁ ଥଣ୍ଡା କରି ପିଲାକୁ ପିଇବା ପାଇଁ ଦିଅନ୍ତୁ, ବାହାରର ଡବା ଖାଦ୍ୟ ଅପେକ୍ଷା ଘରୋଇ ଖାଦ୍ୟ ତାକୁ ଦିଅନ୍ତୁ। ଘର ବାହାରେ ବାହାର ପିଲାଙ୍କ ସହ ଖୋଲାମେଲାରେ ଖେଳିବା ପାଇଁ ଛାଡୁଥିଲେ ପିଲାଟିର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଛି କି ନାହିଁ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ଇଟିଙ୍ଗ ଡିଜଅର୍ଡ଼ର ଏକ ସେପରି ବଡ଼ ରୋଗ ନୁହେଁ। ପ୍ରାଥମିକ ଅବସ୍ଥାରୁ ପିଲାଟିର ଚିକିତ୍ସା ଆରମ୍ଭ କଲେ ପିଲାଟି ଆରୋଗ୍ୟ ହୋଇପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪,

# ଭ୍ରାନ୍ତି ଓ ଶାନ୍ତି : ଦିବ୍ୟ ଶାନ୍ତିର ପଥିକ

**॥ ଅଲେଖ ଚନ୍ଦ୍ର ସାମଲ ॥**

ନୀତିଦିନର ଏକ ସାଧାରଣ ଜୀବନକୁ ଦେଖନ୍ତୁ। ଆମେ ଅନେକ ସମୟରେ ଶାନ୍ତିକୁ ପ୍ରାପ୍ତ କରିପାରିନଥାଉ। କାରଣ ଆମ ଭିତରେ ଭ୍ରାନ୍ତି ଏପରି ବଦ୍ଧ ଭାବେ ବିବେକକୁ କରାୟତ୍ତ କରିଥାଏ ଯେ ଆମେ ଈଶ୍ୱର ଉପଲବ୍ଧି ହୋଇ ଶାନ୍ତି ପାଇଁ ଧାବମାନ ହୋଇପାରି ନଥାଉ। ଆମେ ଜଣେ ଈଶ୍ୱରଙ୍କ ଆଶ୍ରିତ ଏବଂ ଭଗବାନଙ୍କ ସୃଷ୍ଟିରେ ଆମେ ପ୍ରତିଟି ମଣିଷ ଜଣେ ଜଣେ ଅମୃତ ସନ୍ତାନ। ଏହି ଭ୍ରାନ୍ତି ଓ ଶାନ୍ତି ପ୍ରସଙ୍ଗରେ ଭଗବାନ ଗୌତମ ବୁଦ୍ଧଙ୍କ ଆଧାତ୍ମିକ ଜୀବନର ଏକ ଛୋଟିଆ ଘଟଣାଟି ମନେପଡୁଛି। ଏହି ଘଟଣାଟି ଅନେକ ବର୍ଷ ତଳେ ମୁଁ ପଢ଼ିଥିବା ଏକ ଲେଖନୀ, ଯେଉଁଥିରେ ମୋତେ ଏକ ଚେତନା ପ୍ରାପ୍ତ ହୋଇଛି ଯେ ଅଶାନ୍ତମୟ ମନ ଭିତରେ ସତ୍ୟର ଉପଲବ୍ଧି ନ ରହିଲେ ଏହା ଆମ ଭିତରେ ଭ୍ରାନ୍ତି ସୃଷ୍ଟି କରି ଶାନ୍ତି ପାଇଁ ବାଧକ ହୋଇଥାଏ। ସିଦ୍ଧପ୍ରାପ୍ତ ହେବାପରେ ସିଦ୍ଧାର୍ଥ ଥରେ ଅନୁଗତ ତଥା ଶିଷ୍ୟମାନଙ୍କୁ କହିଲେ, 'ସଂସାର ପଥରେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଅନେକ ସମୟରେ ଏମିତି ହୋଇଥାଏ, ତୁମ୍ଭମାନଙ୍କ ମନରେ ଗୋଟିଏ ଭୁଲ ଧାରଣା ଯଦି ଦୃଢ଼ଭାବେ ରହିଥାଏ, ତେବେ ମନ ସତ୍ୟକୁ ତା ଭିତରକୁ ପ୍ରବେଶ କରିବାକୁ ଦିଏନାହିଁ। ସତ୍ୟ ଆଘାତପ୍ରାପ୍ତ ହୋଇ ବିଦାୟ ନେଇଯାଏ। ସତ୍ୟ ନ ରହିଲେ ଶାନ୍ତି ମନରେ ରହେନାହିଁ। ମନ ଅଶାନ୍ତ ହୋଇ ଦୁଃଖକଷ୍ଟ ପାଇଥାଏ। ନିଜର ଏ କଥାଟିକୁ ବୁଝାଇବାକୁ ଯାଇ ବୁଦ୍ଧଦେବ ଗଳ୍ପଟିଏ କହିଥିଲେ।

ଗୋଟିଏ ଜନପଦରେ ବ୍ୟବସାୟୀଟିଏ ରହୁଥିଲା। ତା'ସହିତ ତା'ର ଛୋଟ ପୁଅଟିଏ ରହୁଥିଲା। ଦିନକର କଥା। ବ୍ୟବସାୟୀ କାର୍ଯ୍ୟୋପଲକ୍ଷେ ବାହାରକୁ ଯାଇଥିଲା। ଡକାୟତମାନେ ଏ ସୁବିଧା ଉଣ୍ଡି ବ୍ୟବସାୟୀଙ୍କ ଘରେ ପହଞ୍ଚି ଲୁଟ୍ କଲାପରେ ତା' ଘରେ ନିଆଁ ଲଗାଇ ଦେଲେ ଓ ପରେ ପରେ ସାରା ଗାଁରେ ମଧ୍ୟ ନିଆଁ ଲଗାଇ ଦେଲେ। ଗାଁ ସାରା ଜଳି ପାଉଁଶ ହୋଇଗଲା। ଡକାୟତମାନେ ବ୍ୟବସାୟୀଙ୍କ ଛୋଟ ପୁଅଟିକୁ ସାଙ୍ଗରେ ନେଇ ଚାଲିଗଲେ। ବ୍ୟବସାୟୀ ଘରକୁ ଫେରି ସାରା ଗାଁ ଓ ନିଜ ଘରର ଅବସ୍ଥା ଦେଖି ମୁଣ୍ଡରେ ହାତ ଦେଇ ବସିପଡ଼ିଲା। ତା'ର ସବୁ ଉଜୁଡ଼ିଗଲା ବୋଲି ମନ ଦୁଃଖ କଲା। ନିଆଁରେ ତା'ପୁଅଟି ମଧ୍ୟ ପୋଡି ପାଉଁଶ ହୋଇଗଲା ବୋଲି ଦୃଢ଼ ନିଶ୍ଚିତ ହୋଇଗଲା। ଦିନ ଗଡ଼ି ଚାଲିଲା। କିଛିବର୍ଷ ପରେ ବ୍ୟବସାୟୀ ତା'ପୁରୁଣା ଘର ଜାଗାରେ ଗୋଟିଏ ସୁନ୍ଦର ନୂଆ ଘର କଲା। ଡକାୟତମାନେ ତା'ର ଯେଉଁ ପୁଅଟିକୁ ନେଇ ଯାଇଥିଲେ, ସେ ପୁଅଟି ଦିନେ ଡକାୟତଙ୍କ କବଳରୁ କୌଶଳକ୍ରମେ ଖସି ଆସିଲା। ଲୁଚି ଲୁଚି ଆସି ସେ ରାତି ଅଧରେ ବ୍ୟବସାୟୀର ନୂଆ ଘରେ ପହଞ୍ଚି କବାଟ ବାଡ଼େଇଲା। ମାତ୍ର ବ୍ୟବସାୟୀ କବାଟ ଖୋଲିଲାନି। ସେ ଭାବିଲା ନିଶ୍ଚୟ ଡକାୟତ ଆସିଛନ୍ତି। ପୁଅ କିନ୍ତୁ କହି ଚାଲିଥାଏ 'ବାପା, କବାଟ ଖୋଲ। ମୁଁ ତମ୍ଭ ପୁଅ ଆସିଛି।' ଭିତରୁ ଉତ୍ତର ମିଳିଲା, ତୁ ଗୋଟାଏ ଡକାୟତ। ମୁଁ କେବେ କବାଟ ଖୋଲିବି ନାହିଁ। ତୁ ଏଠାରୁ ପଳା। ପୁଅ ବାରମ୍ବାର ବିକଳ ହୋଇ ବାପାକୁ ନିଜ ପରିଚୟ ଦେଇ କବାଟ ଖୋଲିବାକୁ ଯେତେ କହିଲେ ବି ବାପା କବାଟ ଖୋଲିଲାନି। ଶେଷରେ ନିରାଶ ହୋଇ ପୁଅଟି ଫେରିଗଲା।

ଗଳ୍ପଟି କହିସାରି ବୁଦ୍ଧ ଦେବ କହିଲେ ଦେଖିଲ ତ ମନରେ ଭ୍ରାନ୍ତ ଧାରଣା ବସା ବାନ୍ଧିଲେ ସତ୍ୟ ମଧ୍ୟ ଦୂରେଇ ଯାଏ ଓ ସେଇ ସତ୍ୟ ସହିତ ମନର ଶାନ୍ତି ମଧ୍ୟ ଦୂରେଇ ଯାଇଥାଏ। ତେଣୁ ମନରେ କୌଣସି ଭ୍ରାନ୍ତ ଧାରଣାକୁ ପ୍ରଶ୍ରୟ ନ ଦେବାକୁ ବୁଦ୍ଧଦେବ ସେଦିନ ଶିଷ୍ୟମାନଙ୍କୁ ଉପଦେଶ ଦେଇଥିଲେ। ପ୍ରତିଟି ଜୀବନରେ ଆମେ ଅନେକ ଜଟିଳତମ କ୍ଷେତ୍ରକୁ ଉପଲବ୍ଧି କରୁ। ନିତିଦିନିଆ ଜୀବନରେ ଅନେକ ଘଟଣା ଆମକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ। ଆମେ ଈଶ୍ୱରଙ୍କ ପ୍ରଦତ୍ତ ରାସ୍ତାରେ ଚାଲୁଥିଲେ ମଧ୍ୟ ଭଗବାନଙ୍କ ଦିବ୍ୟନାମାବଳୀ ଜପ କରୁଥିଲେ ମଧ୍ୟ ଅନେକ ଦାନ ଧର୍ମ, ତୀର୍ଥଯାତ୍ରା କରୁଥିଲେ ମଧ୍ୟ ଯଦି ଆମ୍ଭ ମାନଙ୍କ ଭିତରେ ଅଶାନ୍ତିର ଭ୍ରାନ୍ତ ଧାରଣା, କାମନା ଓ ବିଭିନ୍ନ କଳୁଷିତ ଭ୍ରାନ୍ତ ଚେତନା ଠାରୁ ଯଦି ଆମେ ମୁକ୍ତ ନ ହୋଇପାରିବା ତାହାହେଲେ ଶାନ୍ତି ଆମେ କେବେହେଲେ ଉପଲବ୍ଧି କରିପାରିବାନାହିଁ। ଶାନ୍ତି ପ୍ରାପ୍ତି ହେବା ପାଇଁ ଆମକୁ ଈଶ୍ୱର ଉପଲବ୍ଧି ଚେତନାକୁ ନିଜ ଭିତରେ ବୁଢ଼ାଇ ଏହାକୁ ହିଁ ଜୀବନର ଶ୍ରେଷ୍ଠ ଚେତନା ଭାବେ ଗ୍ରହଣ କରି ସଦାସର୍ବଦା ବିଭୁ ନାମ ସ୍ମରଣରେ ନିମୋଜିତ ରହିଲେ ଭ୍ରାନ୍ତ ଚେତନା ଆମଠାରୁ ନିଶ୍ଚିତ ଦୂରେଇ ଯିବ ଓ ଆମେମାନେ ଦିବ୍ୟ ଶାନ୍ତିର ପଥିକ ହୋଇପାରିବା।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୪୩୭୨୫୬୭୧୨**

## ସରିବାକୁ ବସିଲାଣି, ରାସ୍ତାରେ ନାହିଁ ସାଇନ୍ ବୋର୍ଡ

ହାଟଡିହି, (ମହାଭାରତ) : ପୂର୍ବ ସରକାରଙ୍କ ଦ୍ୱାରା ଅନିୟମିତତାକୁ ଦର୍ଶାଇ ସରକାରକୁ ଆସିଥିବା ଭାଜପା ସରକାରରେ ଏବେ ଗ୍ରାମା*ଳ ରାସ୍ତା ବିଭାଗ ଲୋକଙ୍କୁ ଦିନରେ ଠକୁ ଥିବା ଦେଖିବାକୁ ମିଳୁଛି। ଯାହାକି ଦୀର୍ଘ ଦିନ ଦାବି ପରେ ଆରମ୍ଭ ହୋଇ ଥିବା ଅଧପନ୍ତରିଆ ଭାବେ ପଡିଥିବା ଓରାଳି ରୁ ସାଳନିଆ ନୂତନ ରାସ୍ତା କାର୍ଯ୍ୟ ଚାଲୁ ରହିଥିବା ଦେଖିବାକୁ ମିଳୁଛି। ଯାହା ଦ୍ୱାରା ଲୋକେ ଏହି ରାସ୍ତାରେ ସୁରୁଖୁରୁରେ ଯାତାୟତ କରିପାରିବେ। କିନ୍ତୁ ସରକାର ଏହି ରାସ୍ତା ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ କରି କେଉଁ ପ୍ରକାର ନିୟମ ଅନୁସାରେ କାମ କରିବାକୁ ହେବ ସେ



ବିଷୟ ରେ କାମ ସରିବାକୁ ବସିଲାଣି ସାଇନ ବୋର୍ଡ ଲଗାଉ ନଥିବା ଦେଖିବାକୁ ମିଳୁଛି। ତାହା ଛଡା ଉକ୍ତ ରାସ୍ତାରେ ତଳେ ପ୍ଲାଷ୍ଟିକ ପଲ ଥିନ ଗୁଡ଼ିକ ବାହାରକୁ ଦେଖା ଯିବା ପରି ଦିଆ ଯାଉଛି। କିନ୍ତୁ ନିୟମ ଅନୁସାରେ ପ୍ରଥମେ ଯେପରି ତଳି କୁ ଠିକ୍ ଭାବେ ପରିଷ୍କାର କରିବା କଥା ହେଉନି କି ପଲିଥିନ ବିଛା ଯାଇନଥିବା ଦେଖିବାକୁ ମିଳିଛି। ତାହା ଛଡା ରାସ୍ତାକାମ ହେଉଥିବା ସ୍ଥାନ ରେ କୌଣସି ସୂଚନା ଦେଉନଥିବାରୁ ରାତିରେ ଲୋକେ ଦୁର୍ଘଟଣା ରେ ଶିକାର ହେଉଛନ୍ତି। ରାସ୍ତା କାମ ସରି ଥିବା ଅଧା ସ୍ଥାନରେ ଗୋଟିଏ ଲେଖାଁଏ ବାଲି ବସ୍ତା ରଖା ଯାଇଛି ଯାହା କି ଲୋକଙ୍କୁ ରାସ୍ତାର ଶେଷ ଭାଗ ଜାଣିବାରେ ସମସ୍ୟା ହେଉଛି। ବଡ କଥା ହେଲା କୌଣସି ଯନ୍ତ୍ରୀ କି ବିଭାଗୀୟ ଅଧିକାରୀ ଏହି ରାସ୍ତା ର କାମ ସମୟ ରେ ଆସୁନଥିବାରୁ ରାଜ୍ୟ ସରକାରଙ୍କ ଏତେ ଟଙ୍କା ଖର୍ଚ୍ଚ କେବଳ ରାସ୍ତା ପୋତିବା ସଦୃଶ ହେଉଛି।

## ରୋଜଗାର ବୟସରେ ଗୋଡ଼ରେ ବେଡି ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

କାକଟପୁର, (ମହାଭାରତ) : ଜୀବନରେ ପ୍ରତ୍ୟେକ ବାପା ମା'ଙ୍କର ଗୋଟେ ଇଛା ଥାଏ ଆମ ଜନ୍ମିତ ପୁଅ ବଡ଼ ହେଲେ ଦୁଇ ପଇସା ରୋଜଗାର କରିବ ଆଉ ଆମେ ବାର୍ଦ୍ଧକ୍ୟ ଅବସ୍ଥାକୁ ଗଲେ ଆମକୁ ପୋଷିବ, କିନ୍ତୁ ଯଦି ଏହି ସ୍ୱପ୍ନ ଦୁର୍ଭାଗ୍ୟ ରେ ପରିଣତ ହୁଏ ତେବେ ଉକ୍ତ ।ପା ମା'ଙ୍କ ଭବିଷ୍ୟତ କେତେ କଷ୍ଟରେ କଟୁଥିବ ନଦେଖିବା ଲୋକ କେବେ ବିଶ୍ୱାସ କରିବେ ନାହିଁ, ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି କାକଟପୁର ବ୍ଲକ ଭଣ୍ଡାଘାର ପ*ାୟତ ଖାନପୁର ଗ୍ରାମରେ। ଜଣେ ୭୫ ବର୍ଷ ର ବୃଦ୍ଧ ବାପା ମୁସ୍ତଫା ଖାନଙ୍କ ବଡ଼ ପୁଅ ଆରିସ ଖାନ ଯାହାଙ୍କ ବୟସ ମାତ୍ର ୩୫ ବର୍ଷ। ଏହି ବୟସରେ ରୋଜଗାର କରିବା ପରିବ□ ତାଙ୍କ ଗୋଡ଼ରେ ପଡିଛି ଲୁହା ବେଡି ଦୀର୍ଘ ବର୍ଷ ଆଗରୁ ଆରିସ ହଟାତ ତାଙ୍କ ମାନସିକ ସ୍ଥିତି କୁ ଧୀରେ ଧୀରେ ହରାଇଥିଲେ, ଜନ୍ମ ସମୟ ରୁ ଅଳ୍ପ ମାନସିକ ବିକୃତି ଥିଲେ ମାତ୍ର ବୟସ ବୃଦ୍ଧି ଯେତେ ହେଉଛି ଧୀରେ ଧୀରେ ଅଧିକ ମାନସିକ ବିକୃତ ହେବାକୁ ଲାଗିଛନ୍ତି, ଏତେ ଭୟଙ୍କର



ପରିସ୍ଥିତି ରେ ତାଙ୍କ ପାଗଳାମି ବୃଦ୍ଧି ଘଟୁଛି ଯାହାକି ଫଳରେ ପରିବାର ତରଫରୁ ଗୋଡ଼ ର ଲୁହା ବେଡି ବାନ୍ଧି ରଖିବାକୁ ପଡୁଛି, ଆଉ ଯେତେବେଳେ ବେଡି ଖୋଲି ଯାଉଛି କୁଆଡେ ଚାଲି ଯାଉଛନ୍ତି ଆରୀସ ତାହା ଜଣାପଡୁନି, ସମ୍ପର୍କୀୟ ଲୋକ ଖୋଜି ଖୋଜି ଆଣୁଛନ୍ତି ଆରିସଙ୍କୁ ତାଙ୍କ ବାପା ମା ଅନେକ ଚିକିତ୍ସାଳୟରେ ଚିକିତ୍ସା କରେଇବାକୁ ନେଇଛନ୍ତି, ଡାକ୍ତର ମାନଙ୍କ ପରାମର୍ଶ କୌଣସି ମାନସିକ ବିକାର କେନ୍ଦ୍ର ରେ ରଖି ତାଙ୍କର ଚିକିତ୍ସା କରାଇଲେ ସେ ହୁଏତ ଭଲ ହେଇପାରନ୍ତି, ମାତ୍ର ତାଙ୍କୁ ଚିକିତ୍ସା ଯୋଗାଇ ଯୋଗାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିସାରିଲେଣି। କିନ୍ତୁ ଏବେ ଅର୍ଥ ସାଜିଛି ବାଧକ. ସରକାରୀ ସହାୟତା କହିଲେ ମାତ୍ର ୧୨୦୦ଟଙ୍କା ସହାୟକ ଭ□ା, କିନ୍ତୁ ଏ ଅବସ୍ଥା ରେ ଯାହା ସମୁଦ୍ର କୁ ଶଙ୍ଖେ, ଏବେ ସରକାର ଙ୍କ ସହାୟତା କି ଅନ୍ୟ କୌଣସି ସହୃଦୟ ବ୍ୟକ୍ତି ଆରିସ ଙ୍କୁ ସାହାଯ୍ୟ କରି ପାରିଲେ ସେ ହୁଏତ ଭବିଷ୍ୟତ ରେ ସୁସ୍ଥ ହେଇ ଗୋଟେ ଭଲ ସୁସ୍ଥ ନାଗରିକ ହେଇପାରିବେ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି ।

## ଖମାରସାହି ଓ ଭୋଗବାଡ଼ି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ



ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି କ୍ଲଷ୍ଟରର ଖମାରସାହି ନୋଡ଼ାଲ ହାଇସ୍କୁଲ ଓ ଭୋଗବାଡ଼ି କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗବାଡି ଠାରେ କ୍ଲଷ୍ଟର ସ୍ତରୀୟ 'ସୁରଭି' ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ଚିତ୍ରାଙ୍କନ, କୁଇଜ୍, ସୃଜନ ଶୀଳଲିଖନ, ଏଲୋକେସନ, କଣ୍ଠ ସଂଗୀତ, ଦଳଗତ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲ। । ଏଥିସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଖମାରସାହି କ୍ଲଷ୍ଟର ସିଆରସିସି ଜିତେନ୍ଦ୍ର କୁମାର ପାତ୍ର ଖମାରସାହି ହାଇସ୍କୁଲ ଠାରେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଭୋଗବାଡ଼ି ଠାରେ ସିଆରସିସି ଦାଶରଥି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭିନ୍ନ ଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ନିର୍ବାଚିତ ପି ଆର୍ ଆଇ ମେମ୍ବର ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସର୍ବ ସାଧାରଣ ସ୍ଥାନରେ ଝାଙ୍କରକୁ ଚପଲରେ ମାଡ଼, ଜେଲ ଗଲା ବିଜେଡି କର୍ମୀ

ଗୋଲାମୁଣ୍ଡା, (ମହାଭାରତ) : ଗୋଲାମୁଣ୍ଡା ଥାନା ଅଧିନ ଡୁଡୁକେଲ ଗ୍ରାମର ଝାଙ୍କର ରତନ ଭୋଇଙ୍କୁ ଗାଁ ପ୍ରାଥମିକ ବିଦ୍ୟାଳୟ ଠାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଯୁବ ବିଜେଡି କର୍ମୀ ରାଜେଶ ବଗର୍ତି ଚପଲରେ ମାରିବା ଘଟଣା ସୋସିଆଲ ମିଡ଼ିଆରେ ଘୁରି ଘୁରି ବୁଲିଲା। ଜଣେ ଆଦିବାସୀ ବୟସ୍କ ଝାଙ୍କରଙ୍କୁ ମାଡ଼ ମାରିବା ଘଟଣା ଚାରି ଆଡୁ ନିନ୍ଦା କଲେ ଓ ମାଡ଼ ଖାଇଥିବା ଝାଙ୍କର ଗୋଲାମୁଣ୍ଡା ଥାନା ରେ ଲିଖିତ ଅଭିଯୋଗ କରିଥିବାରୁ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଦୋଳମଣି ଭୋଇ ତତ୍ପରତା ଦେଖାଇ ନିଜେ ଥାନାକୁ ଆସି ୧୫୪/୨୫ ପଞ୍ଜିକରଣ କରି ଆଠ ଗୋଟି ଦଫାରେ ତଦନ୍ତ କରି ରାଜେଶ ବଗର୍ତି ଓ କାକା କପିଳ ବଗର୍ତିଙ୍କୁ କୋର୍ଟ ଚାଲାଣ କରିଥିଲେ। ଏବେ ବେଲ ନାମଂଜୁର ହେବାରୁ ଧର୍ମଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ହାଜତକୁ ପଠେଇ ଦେଇଥିବା ସୂଚନା ମିଳିଛି।

## ନବୀନଙ୍କ ୭୯ତମ ଜନ୍ମ ଦିବସରେ ସୁସ୍ଥ ଓ ନିରାମୟ ଜୀବନ କାମନା କଲେ ନେତା ଓ କର୍ମୀ




ପାରାଦୀପ, (ମହାଭାରତ) : ବିଜୁ ଜନତା ଦଳ (ବିଜେଡି) ଦଳର ସଭାପତି ତଥା ସୁପ୍ରିମୋ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ ଏବଂ ପଦଯାତ୍ରା ସାରା ରାଜ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ପୌରାହିତ୍ୟରେ ନବୀନ ପଟନାୟକଙ୍କ ଜନ୍ମ ଦିବସ ମଧୁବନ ସ୍ଥିତ ଶ୍ରମିକ ଭବନ ପରିସରରେ ଗୁରୁବାର ଦିନ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି । ଏହି ସମାରୋହରେ ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ବିଜେଡି ଜଗତସିଂହପୁର ଜିଲ୍ଲା ଉପସଭାନେତ୍ରୀ ଚପଳା ସ୍ୱାଇଁ, ପାରାଦୀପ ବିଜେଡି ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଯୁବ ସଭାପତି ଆଲୋକ ମହାପାତ୍ର, ବିଜେଡି ବରିଷ୍ଠ ନେତା ଭାସ୍କର ସାହୁ, ଶ୍ରମିକ ନେତା ବିଭୁତି ମହାରଣା, ପାରିଷଦ ସ୍ୱପ୍ନା ରାଣୀ ଜେନା, କବିତା ସାହୁ, ସରୋଜିନୀ ସାହୁ, ଅଜିତ ଷଡଙ୍ଗୀ, ସୁଶାନ୍ତ ଦାସ, କେ.ଜଗନ୍ନାଥ ରାଓ ପ୍ରମୁଖ ଉପସ୍ଥିତ ରହି ଓଡିଶା ନବ ନିର୍ମାଣ କ୍ଷେତ୍ରରେ ନବୀନ ପଟନାୟକ ଙ୍କ ଅବଦାନ ଏବଂ ବିଶ୍ୱ ମାନଚିତ୍ରରେ ଓଡିଶା କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ନବୀନଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ ବିଜେଡି ସଭାପତି ବସନ୍ତଙ୍କ ନେତୃତ୍ୱରେ ବିଭିନ୍ନ ଦେବାଳୟରେ ନବୀନଙ୍କ ସୁସ୍ଥ, ନିରାମୟ ଓ ଧୀର୍ଘଜୀବନ କାମନା କରି ପୂଜା ଅର୍ଚ୍ଚନା କରାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମରେ ବିଜେଡି ଦଳର ଅଟଳ ପରିଡା, ଅନନ୍ତ ଦାସ, କମଳ ଦାସ, ସରୋଜ ପରିଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଉଦଳା ବିଜେଡି ପକ୍ଷରୁ ନବୀନ ପଟ୍ଟନାୟଙ୍କ ୭୯ ତମ ଜନ୍ମଦିନରେ ୭୯ ଦୀପ ପ୍ରଦାନ

ଉଦଳା, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ବି ଜେ ଡି ଦଳ ପକ୍ଷ ରୁ ନବୀନ ପଟ୍ଟନାୟଙ୍କ ୯୭ ତମ ଜନ୍ମ ଦିନ ପାଳିତ ହୋଇଯାଇଛି । ଆଜି ହନୁମାନ ମନ୍ଦିର ରେ ଅଖଣ୍ଡ ଦୀପ ଜଳା ଯାଇ ନବୀନ ବାବୁଙ୍କ ଶୁଭ ମନାସି ୭୯ ଗୋଟି ଦୀପ ହନୁମାନଙ୍କ ନିକଟରେ ସମୁହ ନେତୃମଣ୍ଡଳୀ ପ୍ରଦାନ କରିଥିଲେ । ବ୍ଲକ ସଭାପତି ଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବରିଷ୍ଠ ନେତା ମୋଜନ କୁମାର ମହାନ୍ତି, ଏନ୍ ଏ ସି ମହିଳା ସଭାପତି ବିଜୟା ବାରିକ,ବ୍ଲକ ସଭାପତି ବିଷ୍ଣୁ ପ୍ରୀୟା ପଣ୍ଡା, ଅମୀୟ ବଳ, କାଉନସିଲର ମମ୍ପତା ଟୁଡୁ, ଜମୁନା ମାର୍ଣ୍ଡୀ, ଉରୁମିଳା ନାୟକ,



ସନାତନ ନାୟକ, ସୀମାନ୍ତ ତ୍ରୀପାଠୀ, କୃଷ୍ଣ ଚୈତନ୍ୟ ସଦୁଆଳ,ଶଶଧର ସ୍ୱାଇଁ, ଅରୁଣ ନାୟକ, ରାମଚନ୍ଦ୍ର ବେହେରା, ଆଶିଷ ଦାସ, ସୁନୀଲ ପ୍ରଧାନ, ବୀଣାକର ମହାପାତ୍ର, ପ୍ରତିମା ସାହୁ,ମହେନ୍ଦ୍ର ସାହୁ, ଗୋମତୀ ବିନ୍ଧାଣି, ଭବାନୀ ମହାନ୍ତ ପ୍ରମୁଖ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମ ସମାପ୍ତ ପରେ ସମସ୍ତଙ୍କୁ ମିଷ୍ଟାନ୍ନ ପ୍ରଦାନ କରାଯାଇଛି ।

## ପୂଜା କମିଟି କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର, (ମହାଭାରତ) : ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ସ୍ଥିତ ଶ୍ୟାମସୁନ୍ଦର ବଜାର କମିଟି ଆନୁକୂଲ୍ୟରେ ବିଭିନ୍ନ ପୂଜା କମିଟିର କର୍ମକ□ା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଯୋଗଦେଇ କହିଥିଲେ ବାଲିଚନ୍ଦ୍ରପୁରର ଗଜଲକ୍ଷ୍ମୀ ପୂଜା ଏକ ନିଆରା ପରମ୍ପରା। ଏଠାରେ ପୂଜା ଭାଇଚାରାର ବା□ା ବହନ କରିଥାଏ। ଦୀର୍ଘ ୧୧ ଦିନ ଧରି ପୂଜା ଚାଲିବା ସହିତ ବିଭିନ୍ନ ଧର୍ମାବଲାମ୍ବୀ ମାନେ ଏକତ୍ରିତ ହୋଇ ପାଳନ କରିଥାନ୍ତି। ଚଳିତ ବର୍ଷ ବିଭିନ୍ନ ଜିଲ୍ଲାରୁ ପୂଜା କମିଟିର କର୍ମକ□ା ମାନଙ୍କୁ ଡ଼ାକି ସମ୍ବର୍ଦ୍ଧନା ପ୍ରଦାନ କରିବା ଏକ ନିଆରା ପରମ୍ପରା। ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ଯେଉଁ ପ୍ରଚେଷ୍ଟା କରାଯାଇ ସମ୍ବର୍ଦ୍ଧନା ପର୍ବ ଆରମ୍ଭ ହୋଇଛି ଏହା ଦ୍ୱାରା ଆମ ସଂସ୍କୃତି ଓ ପରମ୍ପରା ପ୍ରତି ଯୁବ ପିଢୀ ଆକୃଷ୍ଟ ହେବେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଡ଼ଃ ବିନ୍ଦୁ ମିତ୍ର ବଳ ଯୋଗଦେଇ ଆମର ଐତିହ୍ୟ ଓ ପରମ୍ପରା ହେଉଛି ମା'ଗଜଲକ୍ଷ୍ମୀଙ୍କ ପୂଜା। ଏହି ପୂଜା ମାଧ୍ୟମରେ ବିଭିନ୍ନ ପୂଜା କମିଟି ଯେଉଁ ସୁନ୍ଦର ବା□ା ସମାଜ ପାଇଁ ଦେଉଛନ୍ତି ତାହା ଅନନ୍ୟ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଡ଼େରାବିଶ ବଜାର ପୂଜା କମିଟିର ସଭାପତି ସଂଜୟ କୁମାର ସାହୁ, କଟକ ଜିଲ୍ଲା ମାହାଙ୍ଗା ବ୍ଲକ କୁଆଁପାଳ ବଜାର କମିଟି ସଭାପତି ଜ୍ଞାନେନ୍ଦ୍ର କୁମାର ତ୍ରିପାଠୀ, ବଡ଼ଚଣା ବ୍ଲକ ରଇପୁର ପୂଜା କମିଟି ସଭାପତି ଜ୍ଞାନେନ୍ଦ୍ର ଦାସ ଓ ବଡ଼ଚଣା ସାର୍ବଜନୀନ ପୂଜା କମିଟି ପକ୍ଷରୁ ଅକ୍ଷୟ କୁମାର ସିଂହ ଓ ମନୋରଞ୍ଜନ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ବାଲିଚନ୍ଦ୍ରପୁରର ସର୍ବପୁରାତନ ଆୟୁର୍ବେଦିକ ଔଷଧର ପ୍ରସ୍ତୁତକାରୀ କମ୍ପାନୀ ଭିଟୋନା ହର୍ବସ ପ୍ରତିଷ୍ଠାତା ଅନନ୍ତ କୁମାର ଦେବଦର୍ଶଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଜାର କମିଟିର ସମ୍ପାଦକ ପ୍ରବାସ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସଭ ସୁରଭି କାର୍ଯ୍ୟକ୍ରମ



ନାରାୟଣପାଟଣା, (ମହାଭାରତ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ପାଙ୍ଗାପାଲୁର କ୍ଲଷ୍ଟର ଓଡ଼ିଆ ପେଣ୍ଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୫ ଶିକ୍ଷୟିତ୍ରୀ ତଥା ସିଆରସିସି ଶ୍ରୀମତୀ ଯାମି ଦେବି ପୁଷ୍ପାଙ୍କ ତ□ବଧାନରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପ* ରେବତୀ କୁନ୍ଦାରୀୟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏ ଡି ଓ ରାଜକୁମାର ସାରଥୀ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିବାପୁ ରମେଶ ଶିକ୍ଷୟିତ୍ରୀ ତଥା ସିଆରସିସି ଶ୍ରୀମତୀ ଯାମି ଦେବି ପୁଷ୍ପା ସାହୁ ପ୍ରମୁଖ ଉପସ୍ଥିତ ରହି ଦୀପ ଧୂପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟ ରୁ ୧୪୫ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭାକୁ ପ୍ରତିପାଦନ କରିଥିଲେ। ଡୁମ୍ଭାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଉମେଶ୍ୱର ସୁବୁଦ୍ଧି ମ* ପରିଚାଳନା କରିଥିବା ସହ ନିଜର ସ୍କୁଲ ପଢୁଥିବା ସମୟର ଅଭୁଲା ସ୍ମୃତି କୁ କୁନି କୁନି ଛାତ୍ର ଛାତ୍ରୀ ଙ୍କୁ କହି ଥିଲେ।ଏହାଶହ କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁଚାରୁରୂପେ ସମ୍ପାଦନ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପରିଶେଷରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବାପୁ ରମେଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକର୍ମକୁ ସମାପନ୍ନ କରିଥିଲେ।

## ଚିକିତ୍ସା ଅବହେଳାରୁ ୪ ମାସ ଶିଶୁ ମୃତ୍ୟୁ ପ୍ରସଙ୍ଗ ଓପିଡି ଟିକେଟ୍ ପାଖରେ ଅଟକିଛି ତଦନ୍ତ

ନୟାଗଡ଼, (ମହାଭାରତ) : ଗତ ମାସ ୨୫ ତାରିଖରେ ସଦର ଥାନା ଅଧୀନ ରାଉତରାପୁର ଗାଁର ଜ୍ୟୋତ୍ସ୍ନା ଦଳେଇଙ୍କ ଚାରି ମାସର ଶିଶୁର ମୃତ୍ୟୁକୁ ନେଇ ବିବାଦ ଉପଜିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏହାର ତଦନ୍ତ ଚାଲୁଛି। ଦୁଇ ଜଣ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଏହି ଦାୟିତ୍ୱରେ ରହିଥିବା ବେଳେ ସେମାନଙ୍କର ରିପୋର୍ଟ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ବାସ୍ତବରେ ଜିଲ୍ଲା ମୁଖ୍ୟ ହସ୍ପିଟାଲ ଡାକ୍ତରଙ୍କ ଅବହେଳା ଯୋଗୁ ଶିଶୁଟିର ମୃତ୍ୟୁ ହୋଇଛି କି ନାହିଁ, ତାହା ଜଣାପଡ଼ିଯିବ। ମାତ୍ର ହସ୍ପିଟାଲକୁ ଆସିବା ପରେ ଜ୍ୟୋତ୍ସ୍ନା ନେଇଥିବା ଓପିଡି ଟିକେଟ୍ ମିଳୁନଥିବା ଯୋଗୁ ତଦନ୍ତରେ ବ୍ୟାଘାତ ସୃଷ୍ଟି ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ତଦନ୍ତକାରୀ ଟିମ୍ ଘଟଣା ଦିନ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପଚରା ଉଚରା କରିଛନ୍ତି। ଉକ୍ତ ଡାକ୍ତର



ଜଣକ ତଦନ୍ତକାରୀ ଟିମ୍ ?କୁ ନିଜ ବୟାନରେ କହିଛନ୍ତି ଯେ, ସେଦିନ ତାଙ୍କୁ ମୃତ ଶିଶୁଙ୍କ ମା' ଭେଟିଥିବା ସତ ମାତ୍ର ଶିଶୁଟିକୁ ବାତ ମାରିବା ସହ ଜ୍ୱର ହେଉଥିବା ସଂକ୍ରାନ୍ତରେ କହିଥିଲେ। ଶିଶୁଟିକୁ ହସ୍ପିଟାଲରେ ଭ□ କରି ଚିକିତ୍ସା କରିବା ପାଇଁ ପଡ଼ିବ, ସେଥିପାଇଁ ଓପିଡିରୁ ଟିକେଟ୍ ଆଣିବା ପାଇଁ ଡାକ୍ତର ଜ୍ୟୋତ୍ସ୍ନାଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ତାଙ୍କ ଡ୍ୟୁଟି ଶେଷ ହୋଇଯାଇଥିବାରୁ ଜ୍ୟୋତ୍ସ୍ନା ତାଙ୍କୁ ଭେଟିଛନ୍ତି କି ନାହିଁ, ଏହା ତାଙ୍କର ମନେ ନାହିଁ ବୋଲି ଡାକ୍ତର କହିଛନ୍ତି। ଯଦି ଓପିଡି ଟିକେଟ୍ ଆଣି ଜ୍ୟୋତ୍ସ୍ନା ହସ୍ପିଟାଲର ନିରାମୟ କେନ୍ଦ୍ରରୁ କୌଣସି ଔଷଧ ଆଣିଥାନ୍ତେ, ତେବେ ନିଶ୍ଚିତ ଭାବେ ତାଙ୍କର ଉପସ୍ଥିତି ସ୍କାନିଂରୁ ଜଣାପଡ଼ିଯାଇଥାଆନ୍ତା। ଡାକ୍ତର ଜଣକ କୌଣସି ଔଷଧ ଲେଖିନଥିବା ବେଳେ କେବଳ ହସ୍ପିଟାଲରେ ଶିଶୁଟିକୁ ଭ□ କରିବା ପାଇଁ ଟିକେଟ୍? କରିବାକୁ କହିଥିଲେ। ସେଥିପାଇଁ ଟିକେଟ୍ ସମ୍ପର୍କରେ କିଛି ବି ଜଣାପଡୁ ନାହିଁ। ଏହା ସହ ଉକ୍ତ ଦିନର ସ୍ଥିତି ଜାଣିବା ପାଇଁ କାଜୁଆଲ୍ ?ଲ୍ଟି ବିଭାଗରେ ଲାଗିଥିବା ସିସିଟିଭି ଯା* କରିବା ପାଇଁ ତଦନ୍ତକାରୀ ଟିମ୍ ପ୍ରୟାସ କରିଥିଲେ। ମାତ୍ର ହସ୍ପିଟାଲର ଅନ୍ୟ ଅ*ଳରେ ସିସିଟିଭି କାମ କରୁଥିବା ବେଳେ କାଜୁଆଲ୍ ?ଟିରେ ଲାଗିଥିବା କ୍ୟାମେରାଟି ଅଚଳ ଥିବା ଜଣାପଡ଼ିଛି। ଏଣୁ ବ□ମାନ ଓପିଡି ଟିକେଟ୍ ସମ୍ପର୍କରେ ଜାଣିବା ପାଇଁ ମୃତ ଶିଶୁଙ୍କ ପରିବାର ଲୋକଙ୍କୁ ଭେଟିବାକୁ ତଦନ୍ତକାରୀ ଟିମ୍ ସ୍ଥିର କରିଛି। ଯଦି ସେମାନେ ଉକ୍ତ ଟିକେଟକୁ ସାଇତି ରଖିଥିବେ, ତେବେ ଡାକ୍ତରଙ୍କ ପରାମର୍ଶ ମାନି ଶିଶୁଟିର ମା' ଓପଡି ଟିକେଟ୍ କରିଥିବା ଜଣାପଡ଼ିଯିବ। ମାତ୍ର ଶିଶୁପୁତ୍ରଟିକୁ ହରାଇ ମାନସିକ ଭାରସାମ୍ୟ ହରାଇଥିବା ପରିବାରକୁ ଭେଟିବା ପାଇଁ ତଦନ୍ତ ଦାୟିତ୍ୱରେ ଥିବା ଡାକ୍ତର ମାନେ ଭୟ କରୁଛନ୍ତି। ସେମାନେ ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ମୃତ ଶିଶୁଙ୍କ ମା' ଜ୍ୟୋତ୍ସ୍ନା ସେଦିନ ଅଭିଯୋଗ କରିଥିଲେ ଯେ, ବୋଦାପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପୁଅ ଓମ୍ ପ୍ରକାଶକୁ ଜଂଘରେ ଟିକା ଦେବା ପରେ ରକ୍ତ ବନ୍ଦ ହୋଇନଥିଲା ଫଳରେ ତୁରନ୍ତ ତାକୁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଆଣି ସେ ଡାକ୍ତର ପରାମର୍ଶ କରିଥିଲେ ପ୍ରାଥମିକ ଚିକିତ୍ସା କରିବା ପରେ ପିଲାଟିକୁ ଘରକୁ ନେଇଯିବା ପାଇଁ ଡାକ୍ତର ତାଙ୍କୁ କହିଥିଲେ। ଘରକୁ ଆସିବା ପରେ ରକ୍ତ ବନ୍ଦ ନହେବାରୁ ସେ ଏହାର ପରଦିନ ବାଧ୍ୟ ହୋଇ ପୁଣି ଥରେ ପୁଅକୁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଆଣିଥିଲେ। ମାତ୍ର ପୁଅର ଚିକିତ୍ସା କରିବାରେ ଡାକ୍ତର ବହୁତ ବିଳମ୍ବ କରିଥିଲେ। ଦୀର୍ଘ ସମୟ ସେମିତି ରକ୍ତ ବାହାରିବା ଦ୍ୱାରା ସେଠାରେ ପୁଅର ମୃତ୍ୟୁ ହୋଇଗଲା।

## ଯାଜପୁର ରୋଡ ଆଦର୍ଶ ଥାନାର ସଫଳତା

ଯାଜପୁର, ବ୍ୟାସନଗର(ମହାଭାରତ): ଯାଜପୁର ରୋଡ଼ ଆଦର୍ଶ ଥାନା ପୋଲିସର ଅଭୂତପୂର୍ବ ସଫଳତା। ୧୨ ଘଣ୍ଟା ନପୁରୁଣୁ ମାଡ଼ି ବସିଲା ପୋଲିସ ବ୍ୟାସନଗର ସହରରେ ଆତଙ୍କ ସୃଷ୍ଟି କରିଥିବା ଦୁଇ ଦୁର୍ବୃତ୍ତ ପୋଲିସ ସେମାନଙ୍କ ନିକଟରୁ ଜବତ କରିଛି ପିସ୍ତଲ, ଗୁଳି, ବାଇକ ଓ ମୋବାଇଲ। ଧରାପଡ଼ିଥିବା ମୁଖ୍ୟ ଅଭିଯୁକ୍ତ - କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ମାଇକେଲ ସନ୍ତୋଷ ଓ ଯାଜପୁର ରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ସନ୍ତୋଷ ପ୍ରଧାନୟ ଗତକାଲି ରାତିରେ ଏମାନେ ସହରର ଗୋପବନ୍ଧୁନଗର ଅଞ୍ଚଳରେ ଥିବା ଡିଏମ କମ୍ୟୁନିକେସନ ନାମକ ଟ୍ରାଭେଲ ସଂସ୍ଥାରେ ବନ୍ଧୁକ ଫୁଟାଇ ଆତଙ୍କ ଖେଳାଇଥିଲେ।ଏ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ ସଂସ୍ଥାର ମାଲିକ ଦେବୀଦ□ ପଣ୍ଡାୟ ତେବେ ଏହାକୁ ନେଇ ସହରବାସୀ ମଧ୍ୟରେ ଭୟ ଓ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଥିଲା।ପୋଲିସର ତତ୍ପରତା ଯୋଗୁଁ ଏହି ଅଭିଯକ୍ତ ଦୁଇ ଜଣଙ୍କୁ ଖୋଜି ୧୨ ନପୁରୁଣୁ ବାହାର କରିବାରେ ସଫଳତା ମିଳିଛି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ହେବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯାଜପୁର ଏସପି ଯଶପ୍ରତାପ ଶ୍ରୀମଲ୍। ଯାଜପୁର ପୋଲିସର ଏହି ଦୁଇ ଅଭିଯୁକ୍ତ ଙ୍କୁ ନେଇ ଏବେ ସହର ସମେତ ସମଗ୍ର ଜିଲ୍ଲାରେ ଆଲୋଚନାର ବିଷୟ ସାଜିଛି।

## କଟିଯିବ ୩୬ ହଜାର ରାସନ କାର୍ଡ : ଫେରେଇଲେଣି ୨,୭୭୧ ରାସନ କାର୍ଡ




ନୟାଗଡ଼, ( ମହାଭାରତ ) : ରାସନ କାର୍ଡରେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗକୁ ଉପଭୋଗ କରୁଥିବା ହିତାଧିକାରୀ ମାନଙ୍କର ସମସ୍ତ ତଥ୍ୟ ସଂଗୃହୀତ କରିବା ପାଇଁ ଇ-କେଓ୍ୱାଇସି ପଞ୍ଜୀକରଣ ଚାଲୁ ରହିଛି। ଯେଉଁମାନେ ଇ-କେଓ୍ୱାଇସି କରି ନାହାନ୍ତି ସେମାନଙ୍କୁ ଆସନ୍ତା ମାସ ଅର୍ଥାତ ନଭେମ୍ବରରୁ ଆଉ ଚାଉଳ ମିଳିବନି। ଯେଉଁମାନେ ଇ-କେଓ୍ୱାଇସି ନ କରି ବି ଚାଉଳ ପାଉଛନ୍ତି, ସେମାନଙ୍କର ମଧ୍ୟ ଚାଉଳ ବନ୍ଦ କରି ଦିଆଯିବ। ଏହି କ୍ରମରେ ଇ-କେଓ୍ୱାଇସି କରିନଥିବା ୩୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ଆଉ ୧୫ ଦିନ ରହିଥିବାରୁ ନିର୍ଦ୍ଧାରିତ ସମୟରେ କେତେ ହିତାଧିକାରୀ ଇ-କେଓ୍ୱାଇସି କରିବେ ସେନେଇ ସମସ୍ତଙ୍କ ନଜର ରହିଛି। ଜିଲ୍ଲା ଯୋଗାଣ ଅଧିକାରୀ ସିଏଚ୍ ମୁରଲୀ କ୍ରିଷ୍ଣା କହିଛନ୍ତି, ଇ-କେଓ୍ୱାଇସି କରାଇବାରେ ନୟାଗଡ଼ ଜିଲ୍ଲାର ପ୍ରଦର୍ଶନ ବହୁତ ଭଲ ରହିଛି। ତଥାପି ୩୬,୪୧୦ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ପଞ୍ଜୀକରଣ କରି ନାହାନ୍ତି। ତେବେ ଏ ନେଇ କିଛି ସରକାରୀ ନିର୍ଦ୍ଦେଶନାମା ଆସିନଥିବାରୁ କିଛି ପଦକ୍ଷେପ ନିଆଯାଉ ନାହିଁ। ଯଦି ରାଜ୍ୟ ସରକାର ନିର୍ଦ୍ଦେଶ ଦେବେ ତେବେ ସେମାନଙ୍କୁ ରାସନ କାର୍ଡରୁ ବାଦ୍ ଦିଆଯିବ। ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ପଞ୍ଜୀକରଣ ଶେଷ କରାଯାଇଛି। ଏହାସହ ସେମାନଙ୍କ ମଧ୍ୟରୁ ୪୯,୧୨୩ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ୨୭୭୧ ଜଣ ସରକାରୀ କର୍ମଚାରୀ ସେମାନଙ୍କ ରାସନ କାର୍ଡ ଫେରାଇ ଦେଇଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦେବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ନୟାଗଡ଼ରେ ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨୯୧ କେନ୍ଦ୍ରରେ ମୋଟ୍ ୭ ଲକ୍ଷ ୩୩ ହଜାର ୪୪ ଜଣ ରାସନ କାର୍ଡ ହିତାଧିକାରୀ ରହିଛନ୍ତି। ପୂର୍ବରୁ ୯ଟି ଖୁଚୁରା ବିକ୍ରୟ କେନ୍ଦ୍ରରେ ପ୍ରାୟ ୨୦,୯୩୨ ଜଣ ହିତାଧିକାରୀଙ୍କର ଅଫଲାଇନରେ ପଞ୍ଜୀକରଣ କରାଯାଉଥିଲା। ସେଥିମଧ୍ୟରୁ ଦଶପଲ୍ଲାର ସର୍ବାଧିକ ୫ଟି କେନ୍ଦ୍ର ଥିବା ବେଳେ ନୂଆଗାଁରେ ୨ଟି ଗଣିଆରେ ଓ ରଣପୁରରେ ଗୋଟିଏ ଲେଖାଏ କେନ୍ଦ୍ରରେ ଏହି ସମସ୍ୟା ରହିଛି। ବର୍ତ୍ତମାନ ୫ଟି କେନ୍ଦ୍ରରେ ବିକଳ୍ପ ବ୍ୟବସ୍ଥା ଅର୍ଥାତ ଆଣ୍ଟିନା ଲଗାଯାଇ ଏବେ ହିତାଧିକାରୀଙ୍କର ପଞ୍ଜୀକରଣ ଚାଲିଛି। ଏହାସହ ଅଧିକାଂଶ ଛୋଟ ପିଲା ଓ ବୟୋଜ୍ୟେଷ୍ଠ ଲୋକଙ୍କର ଆଧାରକାର୍ଡରେ ସମସ୍ୟା ଥିବାରୁ ପଞ୍ଜୀକରଣରେ ସମସ୍ୟା ହେଉଛି। ଏହି ପ୍ରକ୍ରିୟା ଶେଷ ହେବା ପରେ ଜିଲ୍ଲାରେ ବାସ୍ତବରେ କେତେ ରାସନ କାର୍ଡ ଉପଭୋକ୍ତା ରହିଛନ୍ତି ସ୍ପଷ୍ଟ ହେବ। ରାସନ କାର୍ଡ ଥିବା ହିତାଧିକାରୀ ମାନଙ୍କୁ କେବଳ ଚାଉଳ ସୁବିଧା ନୁହେଁ ଚିକିତ୍ସା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି। ସେଥିପାଇଁ ଅଧିକାଂଶ ହିତାଧିକାରୀ ଏହି ସୁବିଧା ନେବା ପାଇଁ କୌଣସି ମତେ ରାସନ କାର୍ଡଟିଏ କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଇ-କେଓ୍ୱାଇସି ପଞ୍ଜୀକରଣ ଯୋଜନା କରାଯାଇଛି।

## ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ ପାଳିତ ହେଲା ରାଷ୍ଟ୍ରୀୟ ପୋଷଣ ମାହ କାର୍ଯ୍ୟକ୍ରମ



ଆସିକା (ମହାଭାରତ): ଆସିକା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଦେବଭୂମି ପଂଚାୟତ ର କର୍ପୁର ନୂଆଗାଁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାହ କାର୍ଯ୍ୟକ୍ରମ ରେ ସି ଡି ପି ଓ, ବିଡ଼ିଓଙ୍କ ସମେତ କୌଣସି ଜନପ୍ରତିନିଧିଙ୍କ ଅନୁଉପସ୍ଥିତ ରେ ଶେଷ ହୋଇଗଲା ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ରେ ଦେବଭୂମି ସରପ□ ଅଶାନ୍ତି ବେହେରା, ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି, ଏବିଇଓ ବିଭୁ ନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।କେନ୍ଦ୍ର ସରକାର ପକ୍ଷରୁ ଉତ୍ତମ ପୋଷଣ ସୁସ୍ଥ ଜୀବନ ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଠାରୁ ଆରମ୍ଭ କରି ସେକ୍ଟର ଏବଂ ବ୍ଲକ ର ପ୍ରକଳ୍ପ ପର୍ଯ୍ୟନ୍ତ ସମସ୍ତ ଗର୍ଭବତୀ, ପ୍ରସୂତି, କିଶୋରୀ, କିଶୋର ଓ ଶିଶୁ ମାନଙ୍କ ପୃଷ୍ଟିକର ଖାଦ୍ୟ ପ୍ରଦାନ ନିମନ୍ତେ ଏଭଳି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତତା ଯୋଗୁଁ ମାତ୍ର ସ୍ୱଳ୍ପ ସଂଖ୍ୟକ ଅଙ୍ଗନବାଡି କର୍ମୀ, କିଛି କିଶୋରୀ, କିଛି ମହିଳା ଙ୍କୁ ନେଇ ଏକ ପଂଚାୟତ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଯୋଗୁଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।କାର୍ଯ୍ୟକ୍ରମ ଶେଷରେ ୦୩ ଗୋଟି ସେକ୍ଟର, ୦୨ କିଶୋରୀ ବାଳିକା ସମେତ କୁଇଜ, ରଚନା ଏବଂ ବକ୍ତୃତା ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜିଲାସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ ପାଳିତ



ଗଜପତି(ମହାଭାରତ): ଜିଲ୍ଲାରେ ସାତ ଗୋଟି ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥବା ଶିଶୁମାନଙ୍କର ଙ୍କର ଅନ୍ତର୍ନିହିତ ପ୍ରତିଭା କୁ ପରିପ୍ରକାଶ ଓ ବିକାଶ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଗଜପତି ଦ୍ୱାରା ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ ଓ ମହକ ପାଳିତ ହୋଇଯାଇଛ। ଏହୀ କାର୍ଯ କ୍ରମର ପ୍ରୟରମ୍ଭରେ ମୁକ୍ଷ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ଫାଲ୍ଗୁନୀ ମାଝୀ ,ଅତିରି କ୍ତ ଜିଲ୍ଲାପାଳ(ରାଜସ୍ ) ମୁନିଦ୍ର ହୋନଙ୍ଗା ,ଶିଶୁ କଲ୍ୟାଣ ଅଧକ୍ଷ୍ୟ ଅଶ୍ୱିନୀ କୁମାର ମହାପାତ୍ର, ପ୍ରମୁକ୍ଷ ଉପସ୍ଥିତ ଥିଲେ । ଅତିଥିମାନକ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଥିଲା ପରେ ପରେ ଶିଶୁ ମାନଙ୍କ ମଧରେ ପ୍ରତିଯୋଗିତା ଆରମ୍ଭ ହୋଇ ଥିଲା ବିଭିଓ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରାୟ ୧୨୦ ଜଣ ଶିଶୁ ମାନଙ୍କୁ ନେଇ ସେମାନକ ମଧରେ ଲମ୍ବୟ ଡିଆଁ ,ଉଚ୍ଚ। ଡିଆଁ , ୧୦୦ ମିଟର ଦୌଡ ଓ ୨୦୦ ମିଟର ଦୌଡ ପ୍ରତିଯୋଗିତା ଗଜପତି ଷ୍ଟାଡିୟମ ଠାରେ ପ୍ରତିଯୋଗିତା ହେବା ସହ ନୃତ୍ୟ ପରିବେଷଣ, ସଙ୍ଗୀତ ଗାନ ,ବକ୍ତୃତା ,ଚିତ୍ରାଙ୍କନ ,ସାଧାରଣ ଜ୍ଞାନ ପରୀକ୍ଷା ,ଚେସ ,କ୍ୟାରୋମ , ଇତ୍ୟାଦି ପ୍ରତିଯୋଗିତା ବିଜୁ କଲ୍ୟାଣ ମଣ୍ଡପ ଠାରେ ରେ ଅନୁଷ୍ଠିତ ହୋଇଥିଲା ଶିଶୁମାନଙ୍କ ନିମନ୍ତେ ଜଳଖିଆ ମଧାଓ ଭୋଜନ , ଏବଂ ରାତ୍ର ଭୋଜନ ବ୍ୟବସ୍ଥା କରାଯାଇଥିଲା । ଉଦ୍‌ଜାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ଶ୍ରୀ ଫାଲ୍ଗୁନୀ ମାଝୀ , ଶିଶୁ କଲ୍ୟାଣ ଅଧକ୍ଷ୍ୟ ଅଶ୍ୱିନୀ କୁମାର ମହାପାତ୍ର,ସହ ଜିଲ୍ଲାପାଳ ମନୋଜ କୁମାର ପଟ୍ଟନାୟକ ପୁଲିସ ଉପଖଣ୍ଡ ପୁଲିସ ଅଧିକାରୀ , ପାରଳାଖେମୁଣ୍ଡି , ମାଧବନନ୍ଦ ନାୟକ , ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷୟ ଅଧିକାରିଣୀ ଶାରଳା ପାତ୍ର, ଓ କିଶୋର ନ୍ୟାୟ ପରିଷଦ ର ସଭ୍ୟା ଶ୍ରୀମତି ଭାଗ୍ୟାଲକ୍ଷ୍ମୀ ନାୟକ ପ୍ରମୁକ୍ଷ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ଭାଗନେଇଥିବା ଶିଶୁ ମାନଙ୍କ ମଧରେ ଯେଉଁ ମାନେ ବିଜୟୀ ହୋଇଥିଲେ ସେମାନେ ସହ ପୁରସ୍କାର ପ୍ରମାଣ ପତ୍ର ଅତିଥି ମାନକ ହସ୍ତରୁ ଗ୍ରହଣ କରିଥିଲେ।ପରିଶେଷରେ ମଦଙ୍କକ୍ତ ଲସବର ସମୟରେ ଶିଶୁ ମାନେ ନାଚ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଆସିକା ବ୍ଲକରେ ପ୍ରହସନ ପାଲଟିଛି ଭୀମ ଭୋଇ ଭିନ୍ନକ୍ଷମ ଶିବିର

ଆସିକା (ମହାଭାରତ) ରାଜ୍ୟ ସରକାର ଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆସିକା ବ୍ଲକ ନିକଟ ଏନ ଏ ସି କଲ୍ୟାଣ ମଣ୍ଡ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବି ଏସ ଏସ ଓ ରାଜଶ୍ରୀ ସାହୁଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଧାୟକ ସରୋଜ କୁମାର ପାଢ଼ୀ, ଆସିକା ବ୍ଲକ ଉପାଧକ୍ଷା ରେଶମା ଦୋରା,ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ର ଏହି ଶିବିର ରେ ଚଳନ ବାଧିତ ୬୨, ଶ୍ରବଣ ବାଧିତ ୨୭, ଦୃଷ୍ଟି ବାଧିତ ୦୮, ମସ୍ତିଷ୍କ ପକ୍ଷାଘାତ ୦୬, ସିକିଲ ସେଲ ୦୧, ମାନସିକ ଅନଗ୍ରସର ୦୮, ଭିନ୍ନକ୍ଷମ ପ୍ରମାଣ ପତ୍ର ନିମନ୍ତେ ୧୮, ସହାୟକ ଉପକରଣ ନିମନ୍ତେ ୮୪ ଜଣ ଆବେଦନ ନିମନ୍ତେ ଉପସ୍ଥିତ ରହିଥିଲେ । ଏଥି ସହିତ ଟ୍ରେନ ପାସ, ବସ ପାସ, ଋଣ,ରାସନକାର୍ଡ,ବାସିନ୍ଦା ପତ୍ର ନିମନ୍ତେ ୬୭ ଜଣ ଆବେଦନ କରିଛନ୍ତି। ଆସିକା ବିଧାୟକ ଙ୍କ ଉପସ୍ଥିତ ରେ ମାତ୍ର ୦୩ ଜଣଙ୍କୁ ତିନି ଚକିଆ ସାଇକେଲ,୦୧ ଜଣଙ୍କୁ ହ୍ୱିଲ ଚ୍ୟାୟାର ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ଅଧକ୍ଷ, ଗୋଷ୍ଠି ଉନ୍ନୟନ ଅଧିକାରୀ ସମେତ ସ୍ଥାୟୀ ସାମଜିକ ସୁରକ୍ଷା ଅଧିକାରୀ ନଥିବାରୁ ଦିବ୍ୟାଙ୍ଗ ମାନେ ବାରମ୍ବାର ଏଭଳି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ନିରାଶ ରେ ଫେରୁଥିବା ଅନେକ ହିତାଧିକାରୀ ଗଣ ମାଧ୍ୟମ କୁ ପ୍ରକାଶ କରିଛନ୍ତି। ଆଜିକାର ଏହି ସଭାରେ ଜିଲ୍ଲା ପରିଷଦ, ସରପ□, ସମିତିସଭ୍ୟ ମାନଙ୍କୁ ବ୍ଲକ ପକ୍ଷରୁ ଅବଗତ କରାଯାଇ ନଥିବା କଥା ଜନ ପ୍ରତିନଧି ମାନେ କହି କ୍ଷୋଭ ପ୍ରକାଶ କରିଥିଲେ ଏବଂ ଆସିକା ବ୍ଲକର ଏହିଭଳି ମନମୁଖୀ କାର୍ଯ୍ୟ ଯୋଗୁଁ ବିଭିନ୍ନ ପଞ୍ଚାୟତର ବହୁ ହିତାଧିକାରୀ ବାଦ ପଡିଯାଇଥିବା କଥା ପ୍ରକାଶ କରିଥିଲେ। ଅନୁରୂପ ଗତ ୦୭ /୦୨/୨୫ ରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ ରେ ବହୁ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରି ପ୍ରବଳ ଖରା ରେ ଲମ୍ବା ଧାଡିରେ ଛିଡା ହୋଇ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଓ ଅନ୍ୟାନ୍ୟ କାଗଜ ପତ୍ର ନିମନ୍ତେ ବହୁ କଷ୍ଟ ରେ ଆବେଦନ କରିଥିଲେ । କିନ୍ତୁ ବର୍ଷେ ହେବାକୁ ଗଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ପ୍ରମାଣ ପତ୍ର ମିଳିଲା ନାହିଁ । ଯାହା ଫଳରେ ସେମାନେ ଦିବ୍ୟାଙ୍ଗ ଭତ୍ତା, ବସ ଟ୍ରେନ ପାସ, ରାସନ କାର୍ଡ, ଆବାସ ଗୃହ କିମ୍ବା କୌଣସି ଉପକରଣ ପାଇବାରୁ ବଞ୍ଚିତ ରହିଥିବା କଥା କହି ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣ ରେ ଦାବୀ ହେଉଛି।

## ବିଜୁଜନତା ଦଳ ପକ୍ଷରୁ ପଦଯାତ୍ରା




ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ବିଜୁ ଜନତା ଦଳର ପଦଯାତ୍ରା ଅଭିଯାନ ଆରମ୍ଭ ହୋଇଛି। ବିଧାୟକ ଇଂ ରୁପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୁଜନତା ଦଳର ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ସହ ଦଳର ବରିଷ୍ଠ ନେତା ଭୃଗୁବକ୍ସି ପାତ୍ର, ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳା ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, ସମସ୍ତ ବ୍ଲକ ଚେୟାରମ୍ୟାନ, ଲୋକ ପ୍ରତିନିଧି ଓ ଶତାଧିକ କର୍ମୀ ଓ ଜନସାଧାରଣ ସ୍ଥାନୀୟ କଲେଜ ଛକ ଠାରୁ ବାହାରି ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ନେତା ଓ କର୍ମକର୍ତ୍ତା ପଥପ୍ରାନ୍ତ ଶୋଭାଯାତ୍ରା ମାଧ୍ୟମରେ ବିଜେପି ସରକାରଙ୍କ ବିରୋଧରେ ବର୍ଷିଥିଲେ।ରାଜ୍ୟରେ ବିକାଶ ନାଁରେ ବିନାଶ ହେଉଥିବା ବିଜେଡି କର୍ମୀ ଅଭିଯୋଗ କରିଛନ୍ତି । ଅସୁରକ୍ଷିତ ନାରୀ ଏବଂ ଦୁର୍ନୀତି ବିଜେପି ସରକାର ସମୟରେ ବଢ଼ିଥିବା ବିଜେଡି ଦଳ କରିଛି । ଜିଲ୍ଲା ସଭାପତିଙ୍କ ଆହ୍ୱାନ କ୍ରମେ ଶହ ଶହ କର୍ମୀ ଏଥିରେ ସାମିଲ ହୋଇଥିଲେ ।

## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ସ୍ମୃତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସମ୍ବଳ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇ ଯାଇଛି।ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୬ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩ ଟି ଉଚ୍ଚ ବିଦ୍ୟାଳୟ ଏବଂ ୩ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଯେଉଁମାନେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବେ ସେମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ।ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ କରିବା ସହ ନିଜର ରୁଚି, ଇଚ୍ଛା ଅନୁସାରେ ଭବିଷ୍ୟତ ଗଢିବାରେ ସଫଳ ହେବା ତତ ସଙ୍ଗେ ସଙ୍ଗେ ଓଡ଼ିଶାର କଳା ସଂସ୍କୃତି ଏବଂ ଏତିହ୍ୟ ଅତ୍ୟନ୍ତ ଉଚ୍ଚ କୋଟିର ଏହି କଳା ସଂସ୍କୃତି ଏତିହ୍ୟକୁ ପିଲାମାନେ ଜାଣିବେ ଓ ବଜାୟ ରଖିବେ।ମୋ ସ୍ୱପ୍ନର ଓଡ଼ିଶା ୨୦୩୬ଏହି ସ୍ୱପ୍ନକୁ ସାକାର କରିବା ପାଇଁଅ ଓଡ଼ିଶାର ବିକାଶ ରଥକୁ ଆଗକୁ ବଢ଼ାଇବା ପାଇଁ ଏହି ପିଢ଼ି ସାରଥୀ ସାଜିବେ ଓଡ଼ିଶାର ବିକାଶ ସମ୍ଭବ ହୋଇ ପାରିବ। ସି ଆର ସି ସି ଏମ୍ ଉମା ପତି ଙ୍କ ତ□ାବଧାନରେ ଏହି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍ ତିରୁପତି,ଉକ୍ସଏସ୍.ଏନ.ଆର ପ୍ରଧାନ ଶିକ୍ଷକ ନବ କିଶୋର ପଟ୍ଟନାୟକ,ଏମ୍ ଆର ବାଳକ ହାଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମନାଲିସା ଦାସ,ଏମ୍ ଆର ବାଳିକା ହାଇ ସ୍କୁଲ ପ୍ରଧାନ ଶିକ୍ଷକ ଏସ୍ କିରନ,ଏମ୍ ଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଦ୍ମନାଭ ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣଲତା ପାଳ ଗୌରଚନ୍ଦ୍ର ଗଜପତି ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ ସଙ୍ଗୀତା ଦେବୀ,ୟୁ ପି ସ୍କୁଲ କୁମ୍ଭାର ସାହି ପ୍ରଧାନ ଶିକ୍ଷକ ଜୟଦେବ ବାୟୁବନ୍ଧ, ଆପତ୍ତା ପରିଛା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚଳ ଷ୍ଟ୍ରିଟ ଲାଇଟ, ଅନ୍ଧାରରେ ୱାର୍ଡବାସୀ



ଦଶପଲ୍ଲା(ମହାଭାରତ): ଦଶପଲ୍ଲା ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ମହାବୀର ସାହି ଠାରୁ କଲେଜ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଅଚଳ ହୋଇ ପଡିଥିବା ବେଳେ ସେହି ରାସ୍ତାରେ ନିଶାଡୀଙ୍କ ପାର୍ଦୁଭାବ ଦେକହିବାକୁମିଳୁଛି। ଯାହା ଫଳରେ ସଂଜ ନଇଁଲେ ଲୋକେ ନାହିଁ ନଥିବା ହିନସ୍ତା ହେଉଛନ୍ତି । ଆନୁସଙ୍ଗିକ ବ୍ୟବସ୍ଥା ଥାଇ ମଧ୍ୟ ସଫଳତା ମିଳୁନଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିଭଳି ୫ନମ୍ବର ୱାର୍ଡ଼ ରେ ମଧ୍ୟ ଅଚଳ ଅବସ୍ଥା ଦେଖିବାକୁ ମିଳିଛି। ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଅନ୍ଧାରରେ ଯାତାୟାତ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ବଡ଼ କଥା ହେଲା ଦଶପଲ୍ଲା ଏନ୍ଏସିର ବିଭିଓ ସ୍ଥାନରେ ଷ୍ଟ୍ରିଟ ଲାଇଟର ଅବ୍ୟବସ୍ଥା ନେଇ ବିଭିଓ ସମୟରେ ଅସନ୍ତୋଷ ଦେଖା ଦେଉଥିବାରୁ ଏହାର ସ୍ଥାୟୀ ସମାଧାନ ଅନିବାର୍ଯ୍ୟ ହୋଇପଡିଛି। ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ଦାବି ହେଉଛି।

## ବ୍ୟାଙ୍କ ଅନିୟମିତତା ବିରୁଦ୍ଧରେ ସମବାୟ ବିଭାଗର ଦୃଢ କାର୍ଯ୍ୟାନୁଷ୍ଠାନ

## କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତି ନିଲମ୍ବିତ

କେନ୍ଦୁଝର,(ମହାଭାରତ): ବ୍ୟାଙ୍କ ଅନିୟମିତତା ବିରୁଦ୍ଧରେ ସମବାୟ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଯୁକ୍ତି ପ୍ରଦାନରେ ଅନିୟମିତତା, ନିୟମ ବିରୁଦ୍ଧ ଅବୈଧ କାର୍ଯ୍ୟ, ବ୍ୟାଙ୍କର ନିୟମ, ଅଧିନିୟମ ଓ ମାର୍ଗଦର୍ଶିକାକୁ ଅତିକ୍ରମ କରି କାର୍ଯ୍ୟକରିବା, ଋଣ ପ୍ରଦାନରେ ନିୟମକୁ ପାଳନ ନକରିବା ଆଦି ବିଭିନ୍ନ ଅଭିଯୋଗରେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ତତ୍କାଳ ନିଲମ୍ବନ ଆଦେଶ ଜାରି କରାଯାଇଛି । ଓଡ଼ିଶା ସମବାୟ ସମିତି ଆଇନ-୧୯୬୨ (ସେକ୍ସନ-୩୨, ସବ୍-ସେକ୍ସନ-୭) ଅନୁସାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି । ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ କେନ୍ଦୁଝର ଜିଲାପାଳ ବିଶାଳ ସିଂହ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନାର ପ୍ରଶାସକ ଭାବେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବ୍ୟାଙ୍କ ପରିଚାଳନା ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

## ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଶୁଭ ଉଦଘାଟନ

ଲାଞ୍ଜିଗଡ଼,(ମହାଭାରତ): ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଆଜି ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ ହୋଇଯାଇଛି ।ଏହି ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲାଞ୍ଜିଗଡ଼ରେ ବ୍ଲକ୍ ଅଫିସ୍ ସ୍ଥାପନ କରିବା, ଲାଞ୍ଜିଗଡ଼କୁ ଏନ୍ଏସି ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ରେ ରେଜିଷ୍ଟ୍ରାର ଓ ଟ୍ରେଜେରି ଅଫିସ୍ ପ୍ରତିଷ୍ଠା, ଅତିରିକ୍ତ ତହସିଲ ଅଫିସ୍ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଉତ୍ତତୀକରଣ, ଛଅ ଗୋଟି ପଞ୍ଚାୟତ ବିଭିଓ ରାସ୍ତା, ଆଲୋକି କରଣ ଆଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବା ନେଇ ଲାଞ୍ଜିଗଡ଼ ତଥା ପାଖ ପଡ଼ୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗତ ସେପ୍ଟେମ୍ବର ୧୪ ତାରିଖରେ ଏହି ଅନୁଷ୍ଠାନ ଗଠନ ହୋଇଥିଲା। ଆଜି ଏହିର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନୀ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଛତ୍ରପୁର ସରପଞ୍ଚ ସୁଷମା ମାଝୀ,ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ,ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ,ସମାଜସେବୀ ସୁବାସ ଅଗ୍ରୱାଲ, ଯୁବ ସମାଜସେବୀ ସୁବାଷ ମହାପାତ୍ର ଓ ପାତ୍ର ମାଝୀ, ସୁରେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ସମ୍ପାଦକ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିବାବେଳେ ସମସ୍ତ ଅତିଥିମାନଙ୍କୁ ଫୁଲତୋଳା ଓ ଉପଢୋକାନ ଦେଇ ସମ୍ମାନୀତ କରାଯାଇଥିଲା।ଆଜିର ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଏହି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଏହି ଉନ୍ନୟନ ପରିଷଦକୁ ପରିଚାଳନା କରିବା ପାଇଁ ପୂର୍ବରୁ ଏକ ଗଭର୍ଣ୍ଣିଂବଡି କମିଟି ଗଠନ ହୋଇଥିଲା ଏଥିରେ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ ପଟ୍ଟନାୟକ, ଶିଶିର ପୂଝାରୀ ଓ ଭୂପେନ୍ଦ୍ର ମହରଥା ସହ ସମ୍ପାଦକ, ସୁବାସ ଅଗ୍ରୱାଲ କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ମହାପାତ୍ର ସହ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି।ସେହିପରି କମିଟିରେ ୨ ଜଣ କନଭେନର ଚନ୍ଦ୍ରଧ୍ୱଜ ପେଶନିଆ ଓ ରାଜେନ୍ଦ୍ର ପ୍ରତାପ ସିଂ ଦେଓ ରହିଥିବା ବେଳେ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ନାୟକ,ଆଇନଜିବୀ ଅନ୍ ୱାର ଭାରତୀ ରହିଛନ୍ତି।

## କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସମ୍ବଲପୁର:(ମହାଭାରତ)ରେଙ୍ଗାଲି ବ୍ଲକ ସରକାରୀ ପ୍ରାଥମିକ ବଦ୍ୟାଳୟ, ଭାଲୁଦୁଡିଆରେ କ୍ଲଷ୍ଟର୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସି .ଆର .ସି. ସି ସତ୍ୟନାରାୟଣ ଖଡିଆ ଙ୍କ ସଂଯୋଜନାରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲୋକ ଚନ୍ଦ୍ର ସାହୁଙ୍କ ସହଯୋଗ ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ରୀତା ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଏହି ଉତ୍ସବ ରେ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ରେଙ୍ଗାଲି ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ଲିଙ୍ଗରାଜ ଦୀପ, ଯତୀନ୍ଦ୍ର ସାହୁ, ଅଶ୍ୱିନୀ ପାତ୍ର, ବିଜୟ ଭୋଇ, ମନୋରମା ବାଗ,ପିତାମ୍ବର ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆମେରିକାରୁ ଚେନ୍ନାଇ ଆସିଲା ବିଶାଳ ସାଟେଲାଇଟ୍

ନୂଆଦିଲ୍ଲୀ : ବିଶ୍ୱର ସବୁଠୁ ବଡ଼ ମାଲବାହୀ ବିମାନରେ ଆମେରିକାରୁ ଚେନ୍ନାଇ ଆସିଲା ବିଶାଳ ସାଟେଲାଇଟ୍ । ୟୁକ୍ରେନ୍‌ର ଅ[ାନୋଭ୍-୧୨୪ କାର୍ଗୋ ବିମାନରେ ଆମେରିକୀୟ କମ୍ପାନି ଏଏଏସ୍‌ଟ୍ ସ୍ପେସ୍ ମୋବାଇଲ୍‌ର ୬,୫୦୦ କିଲୋଗ୍ରାମ ବ୍ଲୁବର୍ଡ୍ ୬ ସାଟେଲାଇଟ୍‌କୁ ଚେନ୍ନାଇରେ ପହ*ାଇଛି । ଏହି ସାଟେଲାଇଟ୍‌କୁ ଇସ୍ରୋ ଲ*୍ କରିବ । ଏହା ସ୍ପେସ୍‌ରୁ ସରଳ ମୋବାଇଲ ଫୋନ୍‌କୁ ଇ[ରନେଟ୍ ପ୍ରଦାନ କରିବାର ଅଭିନବ ପ୍ରକଳ୍ପର ଏକ ଅଂଶ । ଏହି ସାଟେଲାଇଟ୍‌କୁ ଚେନ୍ନାଇରୁ ଟ୍ରକ୍ ଦ୍ୱାରା ସତୀଶ୍ ଧୱନ୍ ସ୍ପେସ୍ ସେ[ର ଶ୍ରୀହରିକୋଟାକୁ ନିଆଯାଉଛି, ଯାହା ଚେନ୍ନାଇରୁ ୮୫ କିଲୋମିଟର ଦୂରରେ ଅବସ୍ଥିତ । ଡିସେମ୍ବର କିମ୍ବା ଜାନୁଆରିରେ ମହାକାଶକୁ ପଠାଇପାରେ ଇସ୍ରୋ । ୬,୫୦୦ କେଜି ଓଜନର ଏହି ଉପଗ୍ରହ ଭାରତୀୟ ରକେଟ୍ ଦ୍ୱାରା ବହନ କରାଯିବା ପାଇଁ ସବୁଠାରୁ ଓଜନଦାର ଉପଗ୍ରହ ହେବ । ଏହି ମିସନ ଇସ୍ରୋର ବ୍ୟାବସାୟିକ ଶାଖା ଏନଏସଆଇଏଲ୍ ଏବଂ ଟେକ୍ସାସ-ଭି□କ ଏଏସଟି ସ୍ପେସ୍ ମୋବାଇଲ ମଧ୍ୟରେ ବାଣିଜ୍ୟିକ ଚୁକ୍ତିର ଅଂଶ ଭାବରେ କାର୍ଯ୍ୟକାରୀ ହେଉଛି । ମିସନ୍‌ରେ ସାଟେଲାଇଟ୍ ?କୁ ପୃଥିବୀରୁ ୫୫୦ କିଲୋମିଟର ଉପରେ ଲୋ-ଆର୍ଥ୍ ଅର୍ବିଟ୍ (ଏଲ୍‌ଇଓ)ରେ ସ୍ଥାପନ କରାଯିବ । ଏଏସ୍‌ଟି ସ୍ପେସ୍‌ମୋବାଇଲ୍‌ର ଏହି ପ୍ରକଳ୍ପ ସ୍ପେସ୍-ଆଧାରିତ ସେଲ୍ୟୁଲାର ବ୍ରଡବ୍ୟାଣ୍ଡ୍ ନେଟୱର୍କ୍ ସ୍ଥାପନ କରିବ, ଯାହା ସାଧାରଣ ମୋବାଇଲ୍ ଫୋନ୍‌କୁ ସିଧାସଳଖ ସଂଯୋଗ କରିବ । ରିପୋର୍ଟ ଅନୁଯାୟୀ, ଏଏସଟି ପାଖରେ ବ□ମାନ କକ୍ଷପଥରେ ପା*ଟି ପ୍ରଥମ ପିଢ଼ିର (ବ୍ଲକ୍-୧) ଉପଗ୍ରହ ଅଛି । ପ୍ରମୁଖ ବିଶ୍ୱ କ୍ଷେତ୍ରରେ ସେବା ପ୍ରଦାନ କରିବା ପାଇଁ ଏହି ଫାର୍ମ ୪୫-୬୦ଟି ଦ୍ୱିତୀୟ ପିଢ଼ିର (ବ୍ଲକ୍-୨) ଉପଗ୍ରହର ଏକ ବହନ ଉତକ୍ଷେପଣ କରିବାକୁ ଯୋଜନା କରୁଛି, ବୋଲି କୁହାଯାଇଛି ।



# ଗୁଜରାଟରେ ସବୁ ମନ୍ତ୍ରୀଙ୍କ ଇସ୍ତଫା



ଗୁଜରାଟ : ଗୁଜରାଟ ରାଜନୀତିରେ ହଲଚଲ । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଛାଡ଼ି ରାଜ୍ୟର ମୋଟ ୧୬ ଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି । ସବୁ ମନ୍ତ୍ରୀଙ୍କ ଇସ୍ତଫା ଗ୍ରହଣ କଲେ ରାଜ୍ୟପାଳ । ଆଜି ରାତିରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟିବାର ସୂଚନା ରହିଛି । ଆସନ୍ତାକାଲି ୧୧ଟା ୩୦ରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହେବ । ଏଠାରେ ଅମିତ ଶାହା ଏବଂ ଜେପି ନଡ୍ଡା ଉପସ୍ଥିତ ରହିବେ । ଏନେଇ ଏକ୍ସରେ ସୂଚନା ଦେଇଛନ୍ତି ଅମିତ ଶାହ । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିଲେ । ଇସ୍ତଫା ପୂର୍ବରୁ ସମସ୍ତ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିଲେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ମନ୍ତ୍ରୀଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇଥିଲା । ଗୁଜରାଟରେ ବ□ମାନର ମନ୍ତ୍ରୀ ପରିଷଦରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ୧୭ ମନ୍ତ୍ରୀ ଅଛନ୍ତି । ୮ କ୍ୟାବିନେଟସ୍ତରୀୟ ମନ୍ତ୍ରୀ ଏବଂ ସମାନ ସଂଖ୍ୟାରେ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି । ୧୮୨ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୨୭ଜଣ ମନ୍ତ୍ରୀ କିମ୍ବା ମୋଟ ସଦସ୍ୟ ସଂଖ୍ୟାର ୧୫ ପ୍ରତିଶତ ହେବାର ସମ୍ଭାବନା ରହିଛି ।

## ସଡ଼କ ଦୁର୍ଘଟଣାରେ ୪ ମୃତ

ରାଜସ୍ଥାନ : ରାଜସ୍ଥାନର ବାଲୋତ୍ରାର ସିନ୍ଧାରି ଥାନା ସୀମା ଅନ୍ତର୍ଗତ ସଦା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଏକ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବା ଫଳରେ ନିଆଁ ଲାଗିବାରୁ ୪ ଜଣ ସାଙ୍ଗ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି । ବୁଧବାର ମଧ୍ୟରାତ୍ରିରେ ମେଗା ହାଇୱେରେ ଏହି ଦୁର୍ଘଟଣା ଘଟିଛି । ପୋଲିସ ସୂଚନା ଅନୁଯାୟୀ, ଗୁଡାମାଲାନିର ଦାବାଦ ଗାଁର ପା* ଜଣ ଯୁବକ କାମ ସାରି ସିନ୍ଧାରିରୁ ଘରକୁ ଫେରୁଥିବା ବେଳେ ସେମାନଙ୍କ ସ୍କର୍ପିଓ ସେମାନଙ୍କ ଗାଁ ପୂର୍ବରୁ ପ୍ରାୟ ୩୦ କିଲୋମିଟର ଦୂରରୁ ଆସୁଥିବା ଏକ ଟ୍ରେଲରକୁ ଧକ୍କା ଦେଇଥିଲା । ଧକ୍କା ହେବାର କିଛି ମୁହୂ□ ପରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା । ମୃତ ଯୁବକଙ୍କ ବୟସ ୨୦ ରୁ ୩୫ ବର୍ଷ ମଧ୍ୟରେ ରହିଛି । ସୋମବାର ଦିନ ଜୈସଲମେରରେ ୫୭ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଏସି ସ୍ଲିପର ବସରେ ନିଆଁ ଲାଗିଯାଇଥିଲା, ଯେଉଁଥିରେ ୨୦ ଜଣ ଘଟଣାସ୍ଥଳରୁ ମୃତ୍ୟୁବରଣ କରିଥିଲେ ।

# ଓଆର୍‌ଏସ୍ ପାଇଁ 'ହୁ' ଫର୍ମୁଲା ଜରୁରୀ




ନୂଆଦିଲ୍ଲୀ: ଝାଡ଼ାବାନ୍ତି, ଶରୀରରୁ ଜଳୀୟ ଅଂଶ ହ୍ରାସ, ଦୁର୍ବଳତା ଆଦିର ଚିକିତ୍ସା ପାଇଁ ସାଧାରଣତଃ ଓଆର୍‌ଏସ ବ୍ୟବହାର କରାଯାଏ । ଏହାର ଅଧିକ ବ୍ୟବହାର ଦେଖି ଲାଭ ପାଇଁ କିଛି କମ୍ପାନି ସେମାନଙ୍କ ବିଭିନ୍ନ ପାନୀୟ ଉପରେ ଓଆର୍‌ଏସ ଲେଖି ବିକ୍ରି କରୁଛନ୍ତି । ବଜାରରେ ଏହା ଖୋଲାଖୋଲି ବିକ୍ରି ହେଉଛି । କିନ୍ତୁ ଡାକ୍ତରଙ୍କ ବିନା ସୁପାରିସରେ ସବୁ ପାନୀୟ ବ୍ୟବହାର କରିବା ଉଚିତ ନୁହେଁ । ଏହା ଶରୀର ପାଇଁ କ୍ଷତିକାରକ ହୋଇପାରେ । ଏ ଦିଗରେ ଏବେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ- ଏଫଏସଏସଏଆଇ କଡ଼ା ଆଭିମୁଖ୍ୟ ଆପଣାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର- ହୁ'ର ଫର୍ମୁଲା ଅନୁସାରେ କୌଣସି ପାନୀୟ ପ୍ରସ୍ତୁତ ହୋଇ ନଥିଲେ ଏହାକୁ ଓଆରଏସ କୁହାଯାଇପାରିବ ନାହିଁ । ଏହାରୁ ବିକ୍ରି ନିଷେଧ କରାଯାଇଛି । ଏଥିପାଇଁ ଡାକ୍ତର ମଧ୍ୟ ସତର୍କ କରାଇ ଦେଇଛନ୍ତି । ଏଭିଳି ପାନୀୟ କ୍ୟାନସର ସୃଷ୍ଟି କରିପାରେ । ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ । ନିର୍ଦ୍ଦିଷ୍ଟ ଫର୍ମୁଲାରେ ପ୍ରସ୍ତୁତ ହୋଇ ନଥିବା ପାନୀୟ ବୋତଲ ଏବଂ ପ୍ୟାକେଟରୁ ଓଆରଏସ୍ ଶବ୍ଦ ହଟାଇବାକୁ କୁହାଯାଇଛି । ଏହା ଦ୍ୱାରା ଉପଭୋକ୍ତା ଭ୍ରମରେ ପଡ଼ିବେ ନାହିଁ । ଭାରତର ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ବା ଏଫ୍‌ଏସ୍‌ଏସ୍‌ଏଆଇ ଏହି ନିଷ୍ପ□ ନେଇଛି । ଏହି ନିର୍ଦ୍ଦେଶ ପାଳନ ନକଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ପୂର୍ବରୁ କେନ୍ଦ୍ର ସରକାର ୨୦୨୨ ଓ ୨୦୨୪ରେ ଜାରି କରିଥିବା ନିର୍ଦ୍ଦେଶନାମାରେ ସଂଶୋଧନ କରି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପ□କୁ ସବୁ ମହଲରେ ସ୍ୱାଗତ କରାଯାଇଛି । ଏହାଦ୍ୱାରା ଅନେକ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ବୋଲି ଚିକିତ୍ସା ବିଜ୍ଞାନୀ କହିଛନ୍ତି ।

# ଏକାଠି ବିଷ ପିଇଲେ ୨୪ ଜଣ କିନ୍ନର



ଇନ୍ଦୋର: ୨୪ ଜଣ କିନ୍ନର ଏକାଠି ବିଷ ପିଇବା ପରେ ସାରା ଦେଶରେ ଆଲୋଡନ ଖେଳିଯାଇଛି । ଇନ୍ଦୋର ନନ୍ଦଲାଲପୁରାରେ ଜଣେ କିନ୍ନର ଦୁଇଜଣ ନକଲି ସାମ୍ବାଦିକଙ୍କ ବିରୋଧରେ ଦୁଷ୍କର୍ମ, ଆକ୍ରମଣ ଏବଂ ହତ୍ୟା ଧମକର ଅଭିଯୋଗ କରିଥିଲେ । ଏହି ବିବାଦର କିଛି ଘ[ା ମଧ୍ୟରେ ୨୪ ଜଣ କିନ୍ନର ଏକାଠି ବିଷ ପିଇ ଦେଇଥିବା ଘଟଣା ସମଗ୍ର ଅ*ଳରେ ଚା*ଲ୍ୟ ଖେଳାଇ ଦେଇଛି । ଘଟଣାସ୍ଥଳରେ ପହ* ପୁଲିସ ତନାଘନା କରୁଛି । ନନ୍ଦଲାଲପୁରାରେ ପୁଲିସ ଅଧିକାରୀମାନେ ପହ* ବିଷ ପିଇଥିବା କିନ୍ନର ମାନଙ୍କୁ ଆମ୍ବୁଲାନ୍ସ ସମେତ ପୁଲିସ ଗାଡ଼ିରେ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଅତିରିକ୍ତ ଡିସିପି ରାଜେଶ ଦଣ୍ଡୋତିଆ ଏହି ଘଟଣାକୁ ନେଇ କହିଛନ୍ତି, 'ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ କିନ୍ନର ଗୋଷ୍ଠୀର ୨୪ଜଣ କିନ୍ନର ଫିନାଇଲ୍ ପିଇ ଦେଇଛନ୍ତି । ପୁଲିସ ପ୍ରଶାସନର ତ□ାବଧାନରେ ସେମାନଙ୍କର ଚିକିତ୍ସା ଚାଲିଛି । କାହିଁକି ବିଷ ପିଇଲେ ସେନେଇ ତଦନ୍ତ କରୁଛି ଇନ୍ଦୋର ପୁଲିସ । ପୂରା ଘଟଣା ଏମିତି ଯେ କିଛି ଦିନ ତଳେ ପନ୍ଧରିନାଥ ପୁଲିସ ଷ୍ଟେସନରେ ଅଭିଯୋଗ କରିଥିବା କିନ୍ନର କହିଥିଲେ, ' ଶିବିରର ଗୁରୁଙ୍କ ବିରୋଧରେ ମେ' ୨୪ ତାରିଖରେ ଏକ ଏଫଆଇଆର ରୁଜୁ ହୋଇଥିଲା । ପରବ□ୀ ସମୟରେ ଜୁନ ୧୨ ତାରିଖରେ ଅଭିଯୁକ୍ତ ପଙ୍କଜ ଜୈନ ତାଙ୍କ ସହଯୋଗୀ ଅକ୍ଷୟଙ୍କ ସହିତ ତାଙ୍କ ଶିବିରରେ ପହ*ଥିଲେ । ତା'ପରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ । ଏହାପରେ ଦୁଇ ଜଣ ବ୍ୟକ୍ତି କିଛି କିନ୍ନରଙ୍କୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ପ୍ରାଥମିକ ତଦନ୍ତ ଆଧାରରେ ପୁଲିସ କହିଛି କି, କିନ୍ନରଙ୍କ ଦ୍ୱାରା ସାମୂହିକଭାବେ ଜୀବନ ହାରିବାର ଉଦ୍ୟମ ପଛରେ କାରଣ ହେଉଛି ଦୁଇଟି ଗୋଷ୍ଠୀ ମଧ୍ୟରେ ଲାଗିଥିବା ବିବାଦ । ପାୟଲ ଏବଂ ସୀମା ଗୁରୁଙ୍କ ଗୋଷ୍ଠୀ ମଧ୍ୟରେ ଭିନ୍ନ ଭିନ୍ନ ଏରିଆକୁ ନେଇ ଅନେକ ଦିନରୁ ବିବାଦ ଚାଲିଛି । ଏହାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ରାଜଧାନୀରେ ବିପଜ୍ଜନକ ସ୍ତରରେ ପହଂଚିଛି ପ୍ରଦୂଷଣ ସ୍ତର



ନୂଆଦିଲ୍ଲୀ : ସମସ୍ତ ଚେଷ୍ଟା ପରେ ବି ପ୍ରଦୂଷଣର ମାତ୍ରା କମିବାର ନା ନେଉନି । ଏଥର ଦୀପାବଳି ପୂର୍ବରୁ ହିଁ ଦିଲ୍ଲୀର ବାୟୁ ବିଷାକ୍ତ ହୋଇଯାଇଛି । ରାଜଧାନୀ ଦିଲ୍ଲୀର ଅନେକ ଅ*ଳରେ ପ୍ରଦୂଷଣ ସ୍ତର ବିପଜ୍ଜନକ ସ୍ତରରେ ପହ*ଛି । ବିଶେଷଜ୍ଞମାନେ କହିଛନ୍ତି ଯେ ଗାଡ଼ି ଗୁଡ଼ିକରୁ ବାହାରୁଥିବା ଧୂଆଁ ପ୍ରଦୂଷଣର ମୁଖ୍ୟ କାରଣ । ଏହି ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଏବେ କୃତ୍ରିମ ବର୍ଷା ବା କ୍ଲାଉଡ୍ ସିଡିଂ ପାଇଁ ଏକ ତାରିଖ ସ୍ଥିର କରିଛନ୍ତି । ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି ଯେ କ୍ଲାଉଡ୍ ସିଡିଂ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ପାଣିପାଗ ବିଭାଗରୁ ଅନୁମୋଦନ ପାଇବା ମାତ୍ରେ, ରାଜଧାନୀର କିଛି ନିର୍ଦ୍ଦିଷ୍ଟ ଅ*ଳରେ କୃତ୍ରିମ ବର୍ଷା କରାଯିବ । ଏହି ନକଲି ବର୍ଷା ଦୀପାବଳି ପରଦିନ କରାଯିବା ପାଇଁ ପ୍ଲାନିଂ କରାଯାଉଛି । ଏହାର ଅର୍ଥ ହେଉଛି ନକଲି ବର୍ଷା ପାଇଁ ୨୧ ଅକ୍ଟୋବର ତାରିଖକୁ ଠିକ୍ କରାଯାଇଛି । କ୍ଲାଉଡ୍ ସିଡିଂର ପ୍ରଥମ ପରୀକ୍ଷଣ ଉ□ର ଦିଲ୍ଲୀରେ କରାଯିବ । ଗତ ଚାରି ଦିନ ଧରି ପାଇଲଟମାନେ ମେରଠରୁ ବିମାନ ଉଡ଼ାଇ ଦିଲ୍ଲୀର ନିର୍ଦ୍ଦିଷ୍ଟ ଅ*ଳରେ ଅଭ୍ୟାସ କରୁଛନ୍ତି । ପାଇଲଟମାନେ ଯେଉଁଠାରେ କ୍ଲାଉଡ୍ ସିଡିଂ କିମ୍ବା ବ୍ଲାଷ୍ଟିଂ କରାଯିବ ସେହି ଉଚ୍ଚତାକୁ ବିମାନ ନେଇ ଅଭ୍ୟାସ କରୁଛନ୍ତି । ସିରସା କହିଛନ୍ତି ଯେ ବେସାମରିକ ବିମାନ ଚଳାଚଳ ସମେତ ସମସ୍ତ ୨୩ଟି ବିଭାଗରୁ ଆବଶ୍ୟକୀୟ ଅନୁମୋଦନ ମିଳିଛି । ଏବେ ସରକାର କ୍ଲାଉଡ୍ ସିଡିଂ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । କ୍ଲାଉଡ ସିଡିଙ୍ଗ ଦ୍ୱାରା ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ବର୍ଷା କରାଯାଇ ପାରିବ । ଏହା ଦ୍ୱାରା ବ□ମାନ ମରୁଡ଼ି ଏବଂ ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ହୋଇ ପାରୁଛି । ତେବେ କ୍ଲାଉଡ ସିଡିଙ୍ଗ ସମୟରେ, ଏକ ବିମାନରୁ ଅନେକ କ୍ଲାଉଡ ସିଡ୍ ? ବାଦଲରେ ବିଛା ଯାଏ, ଏହା ପରେ ହିଁ ଆକାଶରେ ବାଦଲ ଭରିଯାଏ ଏବଂ କିଛି ସମୟ ପରେ ବର୍ଷା ହୋଇଥାଏ । କିନ୍ତୁ ଏହି ପ୍ରକ୍ରିୟା ବହୁତ କଠିନ ହୋଇଥାଏ । ଏହି କ୍ଲାଉଡ ସିଡକୁ ସାଇ[ଫିକ ଉପାୟରେ ଲ୍ୟାବରେ ପ୍ରସ୍ତୁତ କରାଯାଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଶୁଖିଲା ବରଫ, ଲୁଣ, ସିଲଭ? ଆୟୋଡାଇଡ ସହିତ ଅନେକ ରାସାୟନିକ ପଦାର୍ଥ ଏଥିରେ ମିଶା ଯାଇଥାଏ । ଏହାକୁ ପ୍ରସ୍ତୁତ କରିବା ପରେ ଏୟାରକ୍ରାଫ୍ଟ ଦ୍ୱାରା ଆକାଶରେ ଏହାକୁ ବୁଣା ଯାଏ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଏକ ପ୍ରକାର ଚାଷ ପରି କରାଯାଇଥାଏ, ସେଥିପାଇଁ ଏହାକୁ କ୍ଲାଉଡ ସିଡିଙ୍ଗ କୁହାଯାଇଥାଏ ।

# ଡୋନାଲ୍ଡ ଟ୍ରମ୍ପଙ୍କୁ କୋର୍ଟଙ୍କ ଛାଟ; ଟ୍ରମ୍ପଙ୍କ ନିଷ୍ପତି ଉପରେ ଲଗାଇଲେ ରୋକ୍ ...



ନୂଆଦିଲ୍ଲୀ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାନ ଫ୍ରାନ୍ସିସ୍କୋର ଏକ ଫେଡେରାଲ କୋର୍ଟଙ୍କ ବଡ଼ ଝଟକା । ସଟଡାଉନ ବେଳେ ୪ ହଜାର ସରକାରୀ କର୍ମଚାରୀଙ୍କୁ ଛଟେଇ କରିବା ନିଷ୍ପ□ ଉପରେ ରୋକ ଲଗାଇଛନ୍ତି ବିଚାରପତି ସୁସାନ ଇଲଷ୍ଟନ । ବିଚାରପତିଙ୍କ ଏହି ଆଦେଶକୁ ଆମେରିକୀୟ ସରକାରୀ କର୍ମଚାରୀ ୟୁନିଅନ ଗୁଡ଼ିକ ସ୍ୱାଗତ କରିଛନ୍ତି । ଖାଲି ଏତିକି ନୁହେଁ ବିଚାରପତି ସୁସାନ ଇଲଷ୍ଟନ ଟ୍ରମ୍ପଙ୍କ ନିଷ୍ପ□କୁ ସମାଲୋଚନା କରିଛନ୍ତି । ମାମଲାର ଶୁଣାଣି କରି ବିଚାରପତି କହିଥିଲେ ଯେ ଟ୍ରମ୍ପଙ୍କ ଛଟେଇ ବେଆଇନ ଏବଂ କ୍ଷମତାର ଉଲ୍ଲଙ୍ଘନ କରୁଛି । ଏହା ଏକ ରାଜନୈତିକ ଉଦ୍ଦେଶ୍ୟ ରଖି ନିଷ୍ପ□ ଥିଲା, ଯାହା ଉପଯୁକ୍ତ ବିଚାର ବିନା କାର୍ଯ୍ୟକାରୀ କରାଯାଇଥିଲା । ବିଚାରପତି ଟ୍ରମ୍ପ ପ୍ରାଶାସନିକ ଓକିଲଙ୍କୁ ପ୍ରଶ୍ନ କରିଥିଲେ ଯେ, ସଟଡାଉନ୍ ସମୟରେ କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ୪ ହଜାର କର୍ମଚାରୀଙ୍କୁ ଛଟେଇ ନୋଟିସ ପଠାଯାଇଥିଲା । ମାନବ ସମ୍ବଳ ବିଭାଗ ମଧ୍ୟ ବନ୍ଦ ଥିଲା, ଏବଂ କୌଣସି ପୂର୍ବ ସୂଚନା ବିନା ଛଟେଇର ଏହି ମାମଲା ଶତ୍ରୁକୁ ପ୍ରସ୍ତୁତିର ସୁଯୋଗ ନ ଦେଇ ଗୁଳି ଚଳାଇବା ଭଳି; ଏହା ଆଦୌ ଗ୍ରହଣୀୟ ନୁହେଁ । ବଡ଼ କଥା ହେଉଛି ଚାକିରିରୁ ଛଟେଇ ନେଇ ଆମେରିକା ସରକାରୀ କର୍ମଚାରୀ ମହାସଂଘ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏବେ ହ୍ୱାଇଟ୍ ହାଉସ୍ କୋର୍ଟଙ୍କ ଶୁଣାଣି ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଛି । ଖାସ୍ କରି ଟ୍ରମ୍ପ ପ୍ରଶାସନର ପରିଚାଳନା ଏବଂ ବଜେଟ୍ କାର୍ଯ୍ୟାଳୟ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହିଁ । 'ଡେମୋକ୍ରାସି ଫରୱାର୍ଡ' ସଂଗଠନର ମୁଖ୍ୟ ସ୍କାଏ ପେରିମ୍ୟାନ୍ ଟ୍ରମ୍ପ ସରକାରଙ୍କ ଛଟେଇ ନିର୍ଦ୍ଦେଶକୁ ସମାଲୋଚନା କରି କହିଛନ୍ତି ଯେ ସରକାରୀ କର୍ମଚାରୀମାନେ ଜନସାଧାରଣଙ୍କ ସେବା କରନ୍ତି ଏବଂ ଏପରି ମହାନ କାର୍ଯ୍ୟ କରୁଥିବା ଲୋକଙ୍କ ଜୀବିକା ସହିତ ଖେଳିବା କେବଳ ନିଷ୍ଠୁର ନୁହେଁ ବରଂ ବେଆଇନ ମଧ୍ୟ । ସରକାରୀ କାର୍ଯ୍ୟ ଯୋଗୁଁ ଲୋକମାନେ ପୂର୍ବରୁ କ୍ଷତି ସହୁଥିବା ସମୟରେ ଏହି ଛଟେଇ କରାଯାଉଛି । ଡେମୋକ୍ରାଟିକ୍ ସାଂସଦମାନେ ସରକାରଙ୍କ ସହିତ ଆଲୋଚନା କରିବାକୁ ଚାହୁଛନ୍ତି ଏବଂ କହୁଛନ୍ତି ସ୍ୱାସ୍ଥ୍ୟ ସେବା ସହିତ ଜଡିତ ଦାବି ଗୁଡ଼ିକୁ ମଧ୍ୟ ବିଲ୍ ?ରେ ଅନ୍ତର୍ଭୁକ୍ତ କରାଯିବା ଉଚିତ, କିନ୍ତୁ ରିପବ୍ଲିକାନ୍ ହାଉସ୍ ସ୍ପିକର୍ ମାଇକ୍ ଜନସନଙ୍କ କହିବା କଥା ଡେମୋକ୍ରାଟମାନେ ସେମାନଙ୍କର ଦାବିରୁ ଓହରିଲେ ଯାଇ ହିଁ ଆଲୋଚନା ହେବ ।

# କଫ୍ ସିରପ୍ ପାଇଁ ଆକ୍ସନ ମୋଡରେ କେନ୍ଦ୍ର



ନୂଆଦିଲ୍ଲୀ : କଫ୍ ସିରପ୍ କାଣ୍ଡ ପରେ ନିଦରୁ ଉଠିଛନ୍ତି କେନ୍ଦ୍ର ସରକାର । ମଧ୍ୟ ପ୍ରଦେଶ ଏବଂ ରାଜସ୍ଥାନରେ ବିଷାକ୍ତ କଫ ସିରପରେ କୁନି କୁନି ପିଲାଙ୍କ ଜୀବନ ଯିବା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା । ଔଷଧ ଲେଖିଥିବା ଡାକ୍ତର ଏବଂ ଔଷଧ କମ୍ପାନିର ମାଲିକଙ୍କୁ ଗିରଫ କରିବା ପରେ ଏବେ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ଔଷଧ ଏବଂ ପ୍ରସାଧନ ସାମଗ୍ରୀର ଗୁଣବ□ା ତଦାରଖ ଏବଂ ଯା* କରିବା ପାଇଁ କେନ୍ଦ୍ର ସରକାର ଏକ ନୂତନ ଆଇନ ଆଇନ୍ ଆଣିବାକୁ ଯାଉଛନ୍ତି । ଗତ କିଛି ଦିନ ଭିତରେ ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାରେ କଫ ସିରପ୍ ପିଇବା ପରେ ଅନେକ ପିଲାଙ୍କ ମୃତ୍ୟୁ ହୋଇଛି । ତଦନ୍ତରୁ ଜଣାପଡିଛି, ସିରପରେ ଡାଇଥାଇଲିନ୍ ଗ୍ଲାଇକଲ୍ ନାମକ ଏକ ବିଷାକ୍ତ ରାସାୟନିକ ପଦାର୍ଥ ଥିଲା । ଏହି ଘଟଣା ଦେଶର ଔଷଧ ଉତ୍ପାଦନ ବ୍ୟବସ୍ଥା ଏବଂ ନିରୀକ୍ଷଣ ପ୍ରଣାଳୀ ଉପରେ ବଡ଼ ପ୍ରଶ୍ନ ଛିଡ଼ା କରିଛି । ସରକାରଙ୍କ ଘୋଷଣା ମୁତାବକ, ଖୁବ୍ ଶୀଘ୍ର ଏକ ନୂତନ 'ଔଷଧ, ଚିକିତ୍ସା ଉପକରଣ ଆଇନ' ଆଣିବ, ଯାହା ୧୯୪୦ ମସିହାରୁ ପ୍ରଚଳିତ ପୁରୁଣା ଔଷଧ ଆଇନ ଠାରୁ କଡ଼ା କଡ଼ି ହେବ । ନୂଆ ଔଷଧ ଆଇନରେ ଔଷଧର ଗୁଣବ□ା ଉପରେ କଡ଼ା ନଜର ରହିବ । ଏବେଠାରୁ ସମସ୍ତ ଔଷଧ, ବିଶେଷକରି କଫ ସିରପ୍ ଏବଂ ଇଞ୍ଜେକ୍ସନ ଗୁଡ଼ିକର ଗୁଣବ□ା ଯା* କରାଯିବ । ଯଦି କୌଣସି ଔଷଧରେ ସାମାନ୍ୟ ପରିମାଣରେ ବିଷାକ୍ତ ପଦାର୍ଥ ମିଳେ, ତେବେ ଔଷଧ କମ୍ପାନିର ଲାଇସେନ୍ସ ବାତିଲ କରାଯିବ । ସେହିପରି ସିଡିଏସକୋ ପାଖରେ ଏବେ ଅଧିକ କ୍ଷମତା ରହିବ । ଯାହାଦ୍ୱାରା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସକ୍ଷମ ହେବ । ନକଲି, ଭେଜାଲ କିମ୍ବା ନିମ୍ନମାନର ଔଷଧ ବିକ୍ରି କରୁଥିବା ଲୋକଙ୍କ ବିରୁଦ୍ଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ଗିରଫ କରାଯିବା ସହ ଆଇନ ଅନୁଯାୟୀ ଦଣ୍ଡ ଏବଂ ଜରିମାନା କରାଯିବ । ଖାଲି ଏତିକି ନୁହେଁ ଲାଇସେନ୍ସ ପ୍ରକ୍ରିୟା ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କରାଯିବ । ପୂର୍ବରୁ ଔଷଧ ଲାଇସେନ୍ସ ପ୍ରକ୍ରିୟା ବିଳମ୍ବ ଏବଂ ଫାଇଲ୍ ସମ୍ବନ୍ଧୀୟ ଅସୁବିଧା ହେଉଥିଲା, ଯାହା ଫଳରେ ଦୁର୍ନୀତିର ଅଭିଯୋଗ ଆସୁଥିଲା । ହେଲେ ଏବେଠାରୁ, ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସମସ୍ତ କାର୍ଯ୍ୟ ଅନଲାଇନରେ କରାଯିବ ।

# ରଣଜୀ ଟ୍ରଫି: ଓଡ଼ିଶା ୨୭୧, ବରୋଦା ୧୨୭/୨

କଟକ,୧୬।୧୦: ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଓଡ଼ିଶା ଚଳିତ ଋତୁର ନିଜର ପ୍ରଥମ ରଣଜୀ ମ୍ୟାଚ୍‌ରେ ଭ୍ରମଣକାରୀ ବରୋଦାକୁ ଭେଟିଛି। ଓଡ଼ିଶା ପ୍ରଥମ ଇଂନିସରେ ୨୭୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ବରୋଦା ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକଟ ହରାଇ ୧୨୭ ରନ୍ କରିଛି।



ପ୍ରଥମ ଦିନରେ ଘରୋଇ ଦଳ ୫ ୱିକେଟ୍ ହରାଇ ୨୦୫ ରନ୍ ଭଲ ସ୍ଥିତିରେ ରହିଥିଲା। ଓଡ଼ିଶା। ଷ୍ଟମ୍ପ ବେଳକୁ ରାଜେଶ ଧୂପର ୭୬ ରନ୍‌ରେ ରନ୍‌ରେ ଅପରାଜିତ ଥିଲେ। ଆଜି ସେ ୯୪ ରନ୍ କରି ଆଉଟ୍ ହୋଇଯିବାରୁ ଓଡ଼ିଶା ଆଉ୍ ଆଗକୁ ବଢିପାରିନଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୨୨, ରାଜେଶ ମହାନ୍ତି ୮, ସୁନିଲ ରାଓଲ ୯ ରନ୍, ବାଦଲ ବିଶ୍ୱାଳ ୧ ରନ୍ ଆଉଟ୍ ହୋଇଥିଲେ। ବରୋଦା ପକ୍ଷରୁ ଅତିତ ସେଠ ୪, ରସିକ ସଲାମ ୩ ୱିକେଟକ ନେଇଛନ୍ତି। ଜବାବରେ ବରୋଦ ଜ୍ୟୋସ୍ନିଲ ସିଂ (୧୨), ସୁକ୍ରିତ ପାଣ୍ଡେ ଅପରଜୀତ ୭୫, ଶାଶ୍ୱତ ରାଓ୍ତ ୮ ରନ୍ ଓ ସୁକ୍ରିତ ପାଣ୍ଡେ (୩୨ ରନ୍ କରିଛନ୍ତି। ଓଡ଼ିଶା ଏହି ମ୍ୟାଚ୍‌ରେ ଦୁଇ ଖେଳାଳି ଗୌରବ ଚେଧୁରୀ ଓ ବାଦଲ ବିଶ୍ୱାଳ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ ସୁଯୋଗ ଦେଇଛି।ବୁଧବାର ଟସ୍ ଜିତି ଅଧିନାୟକ ଶୁଭ୍ରାଂଶୁ ସେନାପତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପ□ ନେଇଥିଲେ ଦୁଇ ଓପନର୍ ସ୍ୱସ୍ତିକ ସାମଲ ଓ ଗେରବ ଚୌଧୁରୀ ଘରୋଇ ପିଚ୍‌ର ଫାଇଦା ନେଇ ଭଲ ଆରମ୍ଭ କରିଥିଲେ ହେଲେ ୪୯ ରନ୍‌ରେ ଗେରବ (୫୩ ବଲ୍‌ରୁ ୨୪, ୪ ଚେକା) ବରୋଦା ଅଧିନାୟକ ଅତୀତ ସେଠ୍‌ଙ୍କ ଦ୍ୱାରା ରନ୍‌ଆଉଟ୍ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ତାଙ୍କ ଆଉଟ୍ ପରେ ସେହି ୪୯ ରନ୍ ମଧ୍ୟରେ ଓଡ଼ିଶା ଲଗାତାର ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା ସନ୍ଦୀପ ପଟ୍ଟନାୟକ (୦), ଅନ୍ୟତମ ଓପନର୍ ସ୍ୱସ୍ତିକ୍ ସାମଲ (୬୪ ବଲ୍‌ରୁ ୨୪, ୫ ଚେକା) ଓ ଗୋବିନ୍ଦ ପୋଦ୍ଦାର (୦)ଙ୍କୁ ହରାଇଥିଲା ସନ୍ଦୀପଙ୍କୁ ଭାର୍ଗବ ଭଟ୍ଟ ଏବଂ ସ୍ୱସ୍ତିକ ଓ ଗୋବିନ୍ଦଙ୍କୁ ଅତୀତ ଆଉଟ୍ କରିଥିଲେ। ୨୨.୨ ଓଭରେ ୪୯ ରନ୍‌ରେ ୪ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଘରୋଇ ଦଳକୁ ଅଧିନାୟକ ଶୁଭ୍ରାଂଶୁ ଓ ରାଜେଶ ଉଦ୍ଧାର କରିଥିଲେ। ଉଭୟ ଷଷ୍ଠ ୱିକେଟ୍‌ରେ ୪୦୫ ବଲ୍ ଖେଳି ୧୫୬ ରନ୍‌ର ଭାଗୀଦାର ଗଢ଼ିଥିଲେ ଅଧିନାୟକ ଶୁଭ୍ରାଂଶୁ ୪ଟି ଚେକା ସହାୟତାରେ ୨୦୩ ବଲ୍‌ରୁ ୭୯ରନ୍ କରିଥିବା ବେଳେ ଭାର୍ଗବ ଭଟ୍ଟଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ଭିଲିୟନ ଫେରିଥିଲେ ତାଙ୍କ ଆଉଟ୍ ପରେ ଆୟାର ଷ୍ଟମ୍ପ ଘୋଷଣା କରିଥିଲେ।

# ପର୍ଥରେ କୋହଲି, ରୋହିତଙ୍କ ଝାଳବୁହା ପ୍ରାକ୍ଟିସ



ପର୍ଥ,୧୬।୧୦: ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଦିନିକିଆ କ୍ରିକେଟ ସିରିଜ୍ ଲାଗି ଭାରତୀୟ ଦଳର ଦୁଇ ବ୍ୟାଚ୍‌ରେ ପର୍ଥରେ ପହଞ୍ଚିଛି ସିନିୟର ବ୍ୟାଟର ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସମେତ ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ଗୁରୁବାର ଅଭ୍ୟାସ ଆରମ୍ଭ କରିଛନ୍ତି

ଅନ୍ତିମ ଥର ଫେବୃଆରୀ-ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ଖେଳିଥିବା କୋହଲି ଓ ରୋହିତଙ୍କ ଉପରେ ସଭିଙ୍କ ନଜର ରହିଥିଲା ଉଭୟ ଟ୍ରେନିଂ ସେଶନରେ ଝାଳ ବୁହା ପ୍ରାକ୍ଟିସ କରିଥିଲେ ପାଖାପାଖି ଅଧଘଣ୍ଟା ଧରି ନେଟ୍ସରେ ବ୍ୟାଟିଂ କରିଥିଲେ ବ୍ୟାଟିଂ ପ୍ରାକ୍ଟିସ ପରେ ରୋହିତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ କଥା ହେଉଥିବା ନଜର ଆସିଥିଲେ। ଉଭୟ କୋହଲି ଓ ରୋହିତ ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇ ସାରିଛନ୍ତି ଏଣୁ ଦୁହିଁଙ୍କ ଲାଗି ଏହା ଅନ୍ତିମ ଅଷ୍ଟ୍ରେଲିଆ। ଟୁର ସେମାନେ ୨୦୨୭ ବିଶ୍ୱକପ୍‌ରେ ଖେଳିବେ କି ନାହିଁ, ତାହା ସେମାନଙ୍କ ଫର୍ମ ଓ ଫିଟନେସ ଉପରେ ନିର୍ଭର କରେ ଭାରତୀୟ ଦଳ ଶୁକ୍ରବାର ଓ ଶନିବାର ଅଭ୍ୟାସ କରିବେ

# ଶ୍ରେଷ୍ଠ ୫ରେ ଜୟସ୍ୱାଲ, କୁଲଦୀପଙ୍କୁ କ୍ୟାରିୟର୍ ଶ୍ରେଷ୍ଠ ମାନ୍ୟତା



ଦୁବାଇ: ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍‌ର ପ୍ରଥମ ପାଳିରେ ୧୭୫ ରନ୍ କରିଥିବା ଭାରତୀୟ ଓପନର୍ ଯଶସ୍ୱୀ ଜୟସ୍ୱାଲ ଆଇସିସି ଟେଷ୍ଟ୍ ବ୍ୟାଟର୍ ମାନ୍ୟତାରେ ସପ୍ତମରୁ ପଞ୍ଚମକୁ ଉନ୍ନୀତ ହୋଇଛନ୍ତି । ଏହି ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୧୨ ୱିକେଟ୍ ନେବା ପରେ ସ୍ପିନର କୁଲଦୀପ ଯାଦବ ୭ଟି ସ୍ଥାନ ଉପରକୁ ଲମ୍ଫ ମାରି କ୍ୟାରିୟର୍ ଶ୍ରେଷ୍ଠ ଚତୁର୍ଦ୍ଦଶ ସ୍ଥାନରେ ପହଞ୍ଚି ଯାଇଛନ୍ତି ସେପଟେ ଆଫଗାନିସ୍ତାନ ୩-୦ରେ ବାଂଲାଦେଶକୁ ମୂଳପୋଛ କରିବା ପରେ ଏହି ଦେଶର ତାରକା ସ୍ପିନର ରସିଦ ଖାନ୍ ଦିନିକିଆ। ବୋଲର ମାନ୍ୟତାର ଏକନମ୍ବର ସ୍ଥାନକୁ ଉଠିଛନ୍ତି ।ଏହି ଶୃଙ୍ଖଳାରେ ୧୧ ୱିକେଟ୍ ନେବା ପରେ ରସିଦ ୬ଟି ସ୍ଥାନ ଉପରକୁ ଉଠି ଏକ ନମ୍ବର ସ୍ଥାନ୍ ଅଧିକାର କରି ନେଇଛନ୍ତି ଦକ୍ଷିଣ ଆଫ୍ରିକାର କେଶବ ମହାରାଜ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଦିନିକିଆ। ମାନ୍ୟତାରେ ଭାରତର ନୂଆ। ଅଧିନାୟକ ଶୁବମନ ଗିଲ୍ ପ୍ରଥମ ଏବଂ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଇଂଲଣ୍ଡର ଜୋ ରୁଟ୍ ଟେଷ୍ଟ୍ ବ୍ୟାଟର୍ ଏବଂ ଭାରତର ଯଶପ୍ରୀ ବୁମ୍‌ରା ଟେଷ୍ଟ୍ ବୋଲର ମାନ୍ୟତାର ପ୍ରଥମ ସ୍ଥାନରେ ରହିଛନ୍ତି।

# ବାବରଙ୍କ ଡ୍ରେସିଂ ରୁମ୍‌ରେ ପଶିଲେ ଯୁବକ

ଲାହୋର,୧୬।୧୦: ବାବର ଆଜମଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ଗଦ୍ଦାଫି ଷ୍ଟାଡିୟମରେ ସୁରକ୍ଷା ବ୍ୟାରିକେଡ୍ ଡେଇଁ ପାକିସ୍ତାନ ଡ୍ରେସିଂ ରୁମ୍‌ରେ ପଶିବାକୁ ଚେଷ୍ଟା କରିଥିଲେ ଉକ୍ତ ପ୍ରଶଂସକଙ୍କୁ ରିମାଣ୍ଡରେ ନିଆଯିବା ପରେ ପୋଲିସ ଛାଡ଼ି ଦେଇଛି। ଉକ୍ତ ଯୁବକଙ୍କ ନାମ ଓଭାଇସ। ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ



ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଓଭାଇସ ପାକିସ୍ତାନ ଡ୍ରେସିଂ ରୁମର ବାଲକୋନିକୁ ଚଢ଼ି ଯାଇଥିଲେ ଏହା ପାକିସ୍ତାନ ଦଳର ମୁଖ୍ୟ କୋଚ୍ ଆଝାର ମହମୁଦଙ୍କ ସମେତ ସପୋର୍ଟ ଷ୍ଟାଫ୍‌ଙ୍କୁ ଚକିତ କରିଥିଲା। ପରେ ମହମୁଦ ସୁରକ୍ଷା ଅଧିକାରୀଙ୍କୁ ପରିସ୍ଥିତି ସମ୍ଭାଳିବାକୁ କହିଥିଲେ ତାଙ୍କୁ ସୁରକ୍ଷା କର୍ମୀଙ୍କ ଦ୍ୱାରା ଏସକର୍ଟ କରି ନିଆଯାଉଥିବା ବେଳେ ସେ ବାବରଙ୍କୁ ତାଙ୍କ ଜନ୍ମଦିନରେ ଭେଟିବାକୁ ବାରମ୍ବାର ଅନୁରୋଧ କରୁଥିଲେ। ତାଙ୍କୁ ଗୁଲବର୍ଗ ଥାନା ନିଆଯାଇ ସେଠାରେ ପଚରଉଚରା କରାଯାଇଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୌଣସି ମକଦ୍ଦମା ରୁଜୁ କରାଯାଇ ନ ଥିବାରୁ ପୋଲିସ ଉକ୍ତ ପ୍ରଶଂସକଙ୍କୁ ଛାଡ଼ି ଦେଇଥିଲା।

# ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆ

## ହିଲିଙ୍କ ୧୧୩ ଅପରାଜିତ, ବାଂଲାଦେଶ ୧୦ ୱିକେଟ୍‌ରେ ପରାସ୍ତ




ବିଶାଖାପାଟଣା,୧୬।୧୦: ଅଧିନାୟିକା ଆଲିସା ହିଲି (୧୧୩ ଅପରାଜିତ)ଙ୍କ ଧମାକାଦାର ଶତକ ବଳରେ ଚଳିତ ଏକଦିବସୀୟ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଗୁରୁବାର ଖେଳାଯାଇଥିବା ସପ୍ତଦଶ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ। ୧୦ ୱିକେଟ୍‌ରେ ଏକତରଫା ଭାବେ ବାଂଲାଦେଶକୁ ପରାସ୍ତ କରିଛି ତା ସହିତ ପ□ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ମୋଟ ୯ ପଏ□ ପାଇ ପ୍ରଥମ ଦଳ ଭାବେ ସେମିଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିଛି ବାଂଲାଦେଶ ମାତ୍ର ୧୯୯ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା ଯାହାକୁ ହିଲି ଓ ଫୋବି ଲିଚଫିଲ୍ଡ (୮୪ଅପରାଜିତ)ଙ୍କ ଦ୍ରୁତ ଓ ଦମ୍‌ଦାର ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ। ୧୫୧ ବଲ୍ ପୂର୍ବରୁ ବିନା କ୍ଷତିରେ ହାସଲ କରିନେଇଥିଲା ଅନ୍ୟପକ୍ଷରେ ବାଂଲାଦେଶ ପ□ମ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ବରଣ କରିଛି ସଂପ୍ରତି ପଏ□ ତାଲିକାର ଷଷ୍ଠ ସ୍ଥାନରେ ରହିଥିବା ଏହି ଦଳର ସେମିଫାଇନାଲ୍ ଆଶା ଏଥିସହ ପ୍ରାୟତଃ ମଉଳି ଯାଇଛି।ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପ□ ନେଇଥିଲା। ହେଲେ ଏହି ନିଷ୍ପ□ ଦଳ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଅଷ୍ଟ୍ରେଲିଆ। ବୋଲରମାନେ ଆରମ୍ଭରୁ ଚାପ ସୃଷ୍ଟି କରି ବାଂଲାଦେଶର କେଣସି ବ୍ୟାଟର୍‌ଙ୍କୁ ହାତଖୋଲା ସଟ୍ ଖେଳିବାକୁ ଦେଇ ନଥିଲେ ରୁବିୟା ହାଇଦରଙ୍କ ୪୪ ଏବଂ ଶୋଭନା ମୋସ୍ତାରୀଙ୍କ ଲଢୁଆ। ୬୬ ଅପରାଜିତ ରନ୍ ବଳରେ ହିଁ ଏହି ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୧୯୮ ରନ୍ କରିପାରିଥିଲା। ଯାହା ଆଶାଜନକ ଭାବେ ଶକ୍ତିଶାଳୀ ବ୍ୟାଟିଂ ବାହିନୀ ଥିବା ଅଷ୍ଟ୍ରେଲିଆ। ପାଇଁ ଆଦେ ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇ ନଥିଲା ଅଷ୍ଟ୍ରେଲିଆ। ଶେଷରେ ମାତ୍ର ୨୪.୫ ଓଭରରେ ୨୦୨/୦ କରି ସହଜ ବିଜୟ ପାଇଥିଲା ଚେକା ମାରି ଲିଚ୍‌ଫିଲ୍ଡ ୬ଥର ବିଜେତା ଦଳର ବିଜୟ ମୁଣ୍ଡି ମାରିଥିଲେ। ହିଲି ବିସ୍ଫୋରକ ଶତକ ଅର୍ଜନ କରିଥିଲେ ମଧ୍ୟ କଙ୍ଗାରୁ ଦଳର ୩୦ ବର୍ଷୀୟା ସ୍ପିନର ଏଲିନା କିଙ୍ଗ୍ (୧୦-୪-୧୮-୨) ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ପାକିସ୍ତାନ-ଇଂଲଣ୍ଡ ମ୍ୟାଚ୍ ବାତିଲ

କଲମ୍ବୋ: ଲଗାଣ ବର୍ଷା ପାଇଁ ଚଳିତ ଏକଦିବସୀୟ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ପାକିସ୍ତାନ-ଇଂଲଣ୍ଡ ମ୍ୟାଚ୍ ବାତିଲ ହୋଇଯାଇଛି ବୁଧବାର ନିଜ ପ୍ରଥମ ବିଜୟ ସନ୍ଧାନରେ ଥିବା ପାକିସ୍ତାନ ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ପାକିସ୍ତାନ ବୋଲରମାନେ ମଧ୍ୟ ଚମତ୍କାର ବୋଲିଂ କରି ମାତ୍ର ୭୮ ରନ୍‌ରେ ଇଂଲଣ୍ଡର ୭ଟି ୱିକେଟ୍ ଝାଡ଼ି ଦେଇଥିଲେ ଏହା ପରେ ବର୍ଷା ହେବାରୁ ଇଂଲଣ୍ଡ ପାଳିକୁ ୩୧ ଓଭରକୁ କମାଇ ଦିଆଯାଇଥିଲା।। ସେଥିରେ ଇଂଲଣ୍ଡ ୯ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା ତେବେ ଡି/ଏଲ୍ ନିୟମ ଅନୁସରେ ପାକିସ୍ତାନକୁ ମାତ୍ର ୧୧୩ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ପାକିସ୍ତାନ ମଧ ଭଲ ଆରମ୍ଭ କରି ବିନା କ୍ଷତିରେ ୩୪ ରନ୍(୬.୪ ଓଭର) ଯୋଡ଼ି ନେଇଥିଲା ହେଲେ ଭାଗ୍ୟ ଏହି ଦଳକୁ ସାଥ୍ ଦେଇ ନଥିଲା ବର୍ଷା ପୁଣି ଥରେ ଆରମ୍ଭ ହୋଇ ଆଉ ନଛାଡ଼ିବାରୁ ଅମ୍ପାୟାରମାନେ ଏହାକୁ ବାଧ ହୋଇ ବାତିଲ କରି ଦେଇଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ପାକିସ୍ତାନର ପ୍ରଥମ ବିଜୟ ହାସଲ କରିବା ସ୍ୱପ୍ନ ଅଧୁରା



ରହିଥିଲା ଇଂଲଣ୍ଡ ସହ ପଏଣ୍ଟ ବାଣ୍ଟି କିନ୍ତୁ ନିଜ ଖାତା ଖୋଲିଥିଲା ଏହି ଦଳ ପୂର୍ବରୁ ଖେଳିଥିବା ତିନିଟି ମ୍ୟାଚ୍‌ରୁ ପାକିସ୍ତାନ ତିନିଟି ଯାକ ହାରିଥିଲା ।ଅନ୍ୟପକ୍ଷରେ ଇଂଲଣ୍ଡ ୪ମ୍ୟାଚ୍‌ରୁ ୭ ପଏଣ୍ଟ୍ ପାଇ ତାଲିକାର ଏକନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି।

# ୬୯ତମ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

ଭଦ୍ରକ,୧୬।୧୦: ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ତମ ଭଲିବଲ ପ୍ରତିଯୋଗିତା ରେ ୧୪ ବର୍ଷରୁ କମ ବାଳକ ବିଭାଗରେ ରନର୍ସ ଢେଙ୍କାନାଳ ଚମ୍ପିୟାନ କେନ୍ଦ୍ରାପଡ଼ା ଓ ବାଳିକା ବିଭାଗରେ ରନର୍ସ ଢେଙ୍କାନାଳ ହୋଇଥିବା ବେଳେ ଚମ୍ପିୟାନ ଭୁବନେଶ୍ୱର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିପରି ୧୭ବର୍ଷରୁ କମ ବାଳକ ରନର୍ସ ପୁରୀ ଚମ୍ପିୟାନ କେନ୍ଦ୍ରାପଡ଼ା ବାଳିକା ରନର୍ସ ଢେଙ୍କାନାଳ ଚମ୍ପିୟାନ କେନ୍ଦ୍ରାପଡ଼ା ର ଖେଳାଳିମାନେ ମୁଖ୍ୟଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ନାମେଂଟରେ କେନ୍ଦ୍ରାପଡ଼ା ଚମ୍ପିୟାନ ହୋଇଥିଲା । ଏଥିରୁ ଚୟନ ହୋଇଥିବା ୪୮ ଜଣ ପ୍ରତିଯୋଗୀ ଜାତୀୟ ସ୍ତରକୁ ଖେଳିବାପାଇଁ ମନୋନୀତ ହୋଇଥିବାରୁ ସେମାନଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁଭେଚ୍ଛା ଜଣାଇଥଲେ। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଡ଼ା ଜଗବନ୍ଧୁ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ସଭରେ ମୁଖ୍ୟ ଅତିଥି ଓଡ଼ିଶାର ମାନ୍ୟବର ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଆର ସି ବି ଏଲ ଚରମ୍ପା ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ସମସ୍ତ ଖେଳାଳି ମାନଙ୍କୁ ଏକ ସ୍ପୋର୍ଟ୍ସମ୍ୟାନ ସ୍ପିରିଟ ରେ ଖେଳିଥିବାରୁ ମଂଚରେ ଉପସ୍ଥିତ ବରେଣ୍ୟ ଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ଜ୍ୟୋତିପ୍ରକାଶ ପରିଡା, ସପନ କୁମାର ଯେନା ଭାଗିରଥୀ ମଲ୍ଲିକ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥିମାନେ ବକ୍ତବ୍ୟ ରେ ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଯୋଗିତା ମନୋଭାବକୁ ପ୍ରଶଂସା କରିଥିଲେ।

# ରୋହିତ-ଗମ୍ଭୀରଙ୍କ ଲମ୍ବା ଆଲୋଚନା

ପର୍ଥ,୧୬।୧୦: ଭାରତୀୟ ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କୁ ଦିନିକିଆ। ଅଧିନାୟକ୍‌ରୁ ହଟାଇବା ପରେ ସେ ଅଷ୍ଟ୍ରେଲିଆ। ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜରେ ପ୍ରଥମ ଥର ପାଇଁ ମଇଦାନକୁ ଓହ୍ଲାଇବେ ଚଳିତ ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତାଇଥିବା ରୋହିତଙ୍କ ସ୍ଥାନରେ ଶୁଭମନ ଗିଲଙ୍କୁ ଅଧିନାୟକ କରାଯାଇଛି ।ବିସିସିଆଇ ମୁଖ୍ୟ ଚୟନକ□। ଅଜିତ ଅଗରକର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସେ ରୋହିତଙ୍କୁ ବ୍ୟକ୍ତିଗତ ଭାବେ ଅଧିନାୟକ୍‌ରୁ ହଟାଇବା ନିଷ୍ପ□ ବିଷୟରେ ସୂଚନା ଦେଇଥିଲେ।



ଗୁରୁବାର ପର୍ଥରେ ଭାରତୀୟ ଦଳର ଅଭ୍ୟାସ ସମୟରେ ରୋହିତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତୀବ୍ର ଆଲୋଚନା କରୁଥିବା ଦେଖାଯାଇଥିଲା, ଯାହା ଭାଇରାଲ ହୋଇଛି ଏହା ପୂର୍ବରୁ ରୋହିତ ଓ ବିରାଟ କୋହଲି ନେଟ୍‌ରେ ପାଖାପାଖି ୩୦ ମିନିଟ୍ ଏକାଠି ବ୍ୟାଟିଂ ଅଭ୍ୟାସ କରିଥିଲେ। ଭାରତୀୟ ଦଳ ବୁଧବାର ଓ ଗୁରୁବାର ଦୁଇ ଦଳରେ ବିଭକ୍ତ ହୋଇ ପର୍ଥରେ ପହଞ୍ଚିଛି, ଯେଉଁଠାରେ ଅକ୍ଟୋବର ୧୯ରୁ ତିନି ଦିନିକିଆ। ଓ ଅକ୍ଟୋବର ୨୯ରୁ ପାଞ୍ଚ ଟି-୨୦ ସିରିଜ ଆରମ୍ଭ ହେବ ନେଟ୍ ଅଭ୍ୟାସ ପରେ କୋହଲି ବୋଲିଂ କୋଚ୍ ମର୍ନେ ମର୍କେଲଙ୍କ ସହ ଦୀର୍ଘ ଆଲୋଚନା କରିଥିବା ଦେଖାଯାଇଥିଲା ଏବଂ ପେସର ଅର୍ଶଦୀପ ସିଂହଙ୍କ ସହ ଏକ ହାଲୁକା ମୁହୂ□ ମଧ୍ୟ ଦେଖିବାକୁ ମିଳିଥିଲା। ରୋହିତ ଓ କୋହଲି ଚଳିତ ବର୍ଷ ଟେଷ୍ଟରୁ ଅବସର ନେଇଛନ୍ତି ଏବଂ ଗତ ବର୍ଷ ବାର୍ବାଡୋସରେ ଟି-୨୦ ବିଶ୍ୱକପ ଜିତିବା ପରେ ଟି-୨୦ ଆନ୍ତର୍ଜାତୀୟରୁ ମଧ୍ୟ ଅବସର ନେଇଛନ୍ତି ଏହା ଅଷ୍ଟ୍ରେଲିଆରେ ଏହି ଦୁଇ ଦିନିକିଆ। ଦିଗଜଙ୍କର ଶେଷ ଖେଳ ହୋଇପାରେ ୨୦୨୭ ବିଶ୍ୱକପରେ ସେମାନଙ୍କ ଅଂଶଗ୍ରହଣ ସେମାନଙ୍କ ଫର୍ମ ଓ ଫିଟନେସ ଉପରେ ନିର୍ଭର କରିବ, କିନ୍ତୁ ନୂଆ। ଅଧିନାୟକ ଶୁଭମନ ଗିଲ ସେମାନଙ୍କ ଅଭିଜ୍ଞତାକୁ ନେଇ ସମର୍ଥନ ଜଣାଇଛନ୍ତି ଦଳର ଶୁକ୍ରବାର ଓ ଶନିବାର ମଧ୍ୟ ଅଭ୍ୟାସ କାର୍ଯ୍ୟକ୍ରମ ରହିଛି।

# ପାକିସ୍ତାନ ଜିତିଲା ଲାହୋର ଟେଷ୍ଟ୍

ଲାହୋର: ଲାହୋର ଟେଷ୍ଟ୍‌କୁ ପାକିସ୍ତାନ ୯୩ ରନ୍‌ରେ ଜିତି ନେଇଛି ତା ସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୧-୦ରେ ଆଗୁଆ ହୋଇଯାଇଛି । ପାକିସ୍ତାନ ୨୭୭ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ଘରୋଇ ବୋଲରଙ୍କ ଶାଣିତ ବୋଲିଂର ସମ୍ମୁଖୀନ ହୋଇ ନପାରି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମାତ୍ର ୧୮୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ୧୦ ୱିକେଟ୍ ସଫଳତା ଲାଭ କରିଥିବା ପାକିସ୍ତାନର ୩୯ ବର୍ଷୀୟ ସ୍ପିନର୍ ନୋମାନ ଅଲୀ (୬/୧୧୨, ୪/୭୯) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ପ୍ରତୀକ୍ଷିତ ବିଜୟକୁ ପ୍ରଶଂସକଙ୍କୁ ଭେଟି ଦେଇ ପାକିସ୍ତାନ, ଏସିଆ। କପ୍ ଫାଇନାଲ୍ ପରାଜୟର ଦୁଃଖ ଦୂର କରିବାକୁ ଚେଷ୍ଟା କରିଛି ।



ବହୁ ବର୍ଷ ପରେ ପାକିସ୍ତାନ ମାଟିରେ ବିଜୟର ମିଠା ସ୍ୱାଦ ଚାଖିବା ଲକ୍ଷ୍ୟରେ ଥିବା ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍ ହରାଇ ୫୧ ରନ୍ କରିଥିଲା ଫଳରେ ମ୍ୟାଚ୍ ରୋମାଞ୍ଚକ ମୋଡ଼ରେ ରହିବା ସହ ଉଭୟ ଦଳ ପାଇଁ ସୁଯୋଗ ରହିଥିଲା। ତେବେ ବୁଧବାର ପ୍ରଥମ ଦୁଇ ଅଧିବେଶନରେ ଅଗ୍ନିବର୍ଷୀ ବୋଲିଂ କରି ପାକିସ୍ତାନ ବୋଲର ବାଜି ପଲଟାଇ ଦେଇଥିଲେ। ନୋମାନ ଅଲୀ ଓ ଦ୍ରୁତ ବୋଲର ସାହିନ ସାହ ଆଫ୍ରିଦି ୪ଟି ଲେଖାଏଁ ୱିକେଟ୍ ନେଇ ପାକିସ୍ତାନ ବିଜୟକୁ ପକ୍କା କରି ଦେଇଥିଲେ ନୋମାନ ନିଜ ସ୍ପିନ୍ ମାଡ଼ରେ ଦକ୍ଷିଣ ଆଫ୍ରିକାର ଅଣ୍ଟା ଭାଙ୍ଗି ଦେବା ପରେ ଆଫ୍ରିଦି ଗୋଟିଏ ଓଭରରେ ଦୁଇଟି ୱିକେଟ୍ ନେଇ ପାକିସ୍ତାନ ବିଜୟରେ ମୁଣ୍ଡି ମାରିଥିଲେ ମୃଦୁ ପାନୀୟ ବିରତିର କିଛି ମିନିଟ୍ ପରେ ପରେ ହିଁ ଦକ୍ଷିଣ ଆଫ୍ରିକା ଅଲ୍‌ଆଉଟ୍ ହୋଇଯାଇଥିଲା ।ଦଳ ପକ୍ଷରୁ ଦିଲ୍ଡ ବ୍ରେଭିସ୍ ସର୍ବାଧିକ ୫୪ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର୍ ପାକିସ୍ତାନ ବୋଲରଙ୍କ ସଠିକ୍ ମୁକାବିଲା କରି ପାରି ନଥିଲେ। ଏହା ପୂର୍ବରୁ ପାକିସ୍ତାନ ତାର ପ୍ରଥମ ପାଳିରେ ୩୭୮ ରନ୍ କରିଥିଲା। ପରେ ଦକ୍ଷିଣ ଆଫ୍ରିକାକୁ ୨୬୯ ରନ୍‌ରେ ଅଟକାଇ ଦେଇଥିଲା। ଦ୍ୱିତୀୟ ପାଳିରେ ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଏଥିରୁ କୌଣସି ଫାଇଦା ଉଠାଇ ପାରି ନଥିଲା।

## ଏସୀୟ ଟେବୁଲ୍ ଟେନିସ୍: ଭାରତୀୟ ପୁରୁଷ ଷଷ୍ଠ, ମହିଳା ଅଷ୍ଟମ

ଭୁବନେଶ୍ୱର: ଏସୀୟ ଟେବୁଲ୍ ଟେନିସ୍ (ଟିଟି) ଦଳଗତ ପ୍ରତିଯୋଗିତାର ଗତ ସଂସ୍କରଣର କାଂସ୍ୟ ବିଜେତା ଭାରତୀୟ ପୁରୁଷ ଓ ମହିଳା ଦଳ ଯଥାକ୍ରମେ ଷଷ୍ଠ ଓ ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। ପ□ମ ସ୍ଥାନ ମୁକାବିଲାରେ ଭାରତୀୟ ପୁରୁଷ ୦-୩ରେ ଦକ୍ଷିଣ କୋରିଆଠୁ ହାରିଯାଇଥିଲା ।ଏହା ପୂର୍ବରୁ ପ□ମରୁ ଅଷ୍ଟମ ସ୍ଥାନ ମୁକାବିଲାରେ ଏହି ଦଳ ୩-୨ରେ ଉ□ର କୋରିଆକୁ ହରାଇଥିଲା ମହିଳା ଦଳ ସପ୍ତମ ସ୍ଥାନ ମୁକାବିଲାରେ ୨-୩ରେ ହଂକଠୁ ପରାସ୍ତ ହୋଇଛି ।ଏହା ପୂର୍ବରୁ ପ□ମରୁ ଅଷ୍ଟମ ସ୍ଥାନ ମୁକାବିଲାରେ ୧-୩ରେ ଉ□ର କୋରିଆଠୁ ହାରିଥିଲା ।ମହିଳା ଫାଇନାଲ୍‌ରେ ଚୀନ୍ ଓ ଜାପାନ ପହ□ଛନ୍ତି ସେମିଫାଇନାଲ୍‌ରେ ଚୀନ୍ ୩-୦ରେ ଉ□ର କୋରିଆକୁ ଏବଂ ଜାପାନ ୩-୦ରେ ସିଙ୍ଗାପୁରକୁ ପରାସ୍ତ କରିଛି ପୁରୁଷ ଫାଇନାଲ୍‌ରେ ହଂକଂ ଓ ଚୀନ ମୁହାଁମୁହିଁ ହେବ ହଂକଂ ୩-୨ରେ ଚାଇନିଜ୍ ତାଇପେକୁ ଏବଂ ଚୀନ୍୩-୨ରେ ଜାପାନକୁ ମାତ୍ ଦେଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ